

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୯ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 09 July 2024

Vol.No. 35 ■ No.183 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ବଡ଼ଧରଣର ଆତଙ୍କବାଦୀ ହମଲା: ୪ ଯବାନ ସହିଦ

ନୂଆଦିଲ୍ଲୀ, ୦୯/୭ : ଜମ୍ମୁ-କଶ୍ମୀରର କଠୁଆରେ ଆଜି ସେନା ଗାଡ଼ିକୁ ଟାର୍ଗେଟ କରି ହମଲା କରିଛନ୍ତି ଆତଙ୍କବାଦୀ। ଏଥିରେ ୪ ଜଣ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ସୋମବାର ଅପରାହ୍ନରେ କଠୁଆର ମାଛେଡି ଅଞ୍ଚଳରେ ଏପରି ଆକ୍ରମଣ ହୋଇଛି। ମିଳିଥିବା ସୂଚନା ଅନୁସାରେ, ସେନା ଗାଡ଼ିରେ ଯବାନମାନେ ମାଛେଡି-କାଣ୍ଡଲି-ମଲହାର ରୋଡରେ ରୁଟିନ ପ୍ୟାଟ୍ରୋଲିଂ କରୁଥିଲେ। ଏହି ସମୟରେ ନିକଟସ୍ଥ ପାହାଡ଼ ଉପରେ ରହି ଏକାଧିକ ଆତଙ୍କବାଦୀ ଗାଡ଼ି ଉପରକୁ ଗୁଳି ଓ ଗ୍ରେନେଡ ମାଡ଼ କରିଥିଲେ। ଏଥିରେ ପ୍ରଥମେ ୧୦ ଜଣ ଯବାନ ଆହତ ହୋଇଥିଲେ। ସେମାନଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ୪ ଜଣ ମୃତ୍ୟୁ ହୋଇଛି। ଆତଙ୍କବାଦୀଙ୍କ ଆକ୍ରମଣ ପରେ ଅନ୍ୟ ଯବାନମାନେ ପାଲଟା ଆକ୍ରମଣ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ବେଶ କିଛି ସମୟ ଗୁଳି ବିନିମୟ ହୋଇଥିଲା। କିନ୍ତୁ ନିକଟସ୍ଥ ଜଙ୍ଗଲ ମଧ୍ୟ ଦେଇ ଆତଙ୍କବାଦୀମାନେ ଖସି ଯାଇଥିଲେ। ତଥାପି ସେମାନଙ୍କୁ ଧରିବା ପାଇଁ ଜଙ୍ଗଲ ମଧ୍ୟରେ ସର୍ଚ୍ଚଅପରେସନକୁ ଜୋରଦାର କରାଯାଇଛି। ସେହିପରି ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ଅପରେସନରେ ସାମିଲ କରାଯାଇଛି। ଜମ୍ମୁ-କଶ୍ମୀରରେ ଦ୍ୱିତୀୟ ଥର ପାଇଁ ଆତଙ୍କବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି। ଶନିବାର ରାତିରୁ ଜମ୍ମୁ-କଶ୍ମୀରର କୁଲଗାମରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ରବିବାର ସକାଳେ ଯାଏ ଚାଲିଥିବା ଏହି ଏନକାଉଣ୍ଟରେ ୬ ଜଣ ଆତଙ୍କୀ ନିହତ ହୋଇଥିଲେ। ସେମାନଙ୍କ ମୁକାବିଲା କରି ଜଣେ ପାରା ଟ୍ରୁପରଙ୍କ ସହ ୨ ଜଣ ଯବାନ ସହିଦ ହୋଇଥିଲେ। ଆଉ ଜଣେ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏନକାଉଣ୍ଟ ପରେ କୁଲଗାମରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ସେହିପରି ରଜୌରୀରେ ମଧ୍ୟ ଶନିବାର ଏନକାଉଣ୍ଟର ହୋଇଥିଲା। ଆଜି କଠୁଆରେ ଆତଙ୍କବାଦୀମାନେ ସେନା ଗାଡ଼ି ଉପରେ ହମଲା କରିଛନ୍ତି।

ଶରଧାବାଲିରେ ତିନି ରଥ

ପୁରୀ, ୦୮/୭ (ନି.ପ୍ର): ୫୩ ବର୍ଷ ପରେ ପଡ଼ିଥିବା ବିରଳ ସଂଯୋଗ ଯୋଗୁଁ ୨ ଦିନ ହୋଇଛି ରଥଟଣା। ତିନି ଠାକୁରଙ୍କ ରଥକୁ ଟାଣି ନେବାର ବର୍ଦ୍ଧିତ ଅବସର, ଶ୍ରଦ୍ଧାଳୁଙ୍କ ଉତ୍ସାହକୁ ଆହୁରି ବଢ଼ାଇ ଦେଇଥିଲା। ଗତକାଲି ବଡ଼ଦାଣ୍ଡରେ ଯେମିତି ଜନସମୁଦ୍ର ସୃଷ୍ଟି ହୋଇଥିଲା, ଆଜି ବି ସେହିପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ରଥରେ ଥିଲେ ମହାପ୍ରଭୁ, ଆଉ ଶହ ଶହ ଭକ୍ତଙ୍କ ହାତରେ ଥିଲା ରଥଦଉଡ଼ି। ଏହି ଦିବ୍ୟ ଦୃଶ୍ୟ ଦେଖିବାକୁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହୋଇଥିଲା। ଘଂଟଘଂଟା ଓ ଜୟ ଜଗନ୍ନାଥ ଧ୍ୱନରେ କମ୍ପି ଉଠିଥିଲା ଶ୍ରୀକ୍ଷେତ୍ର। ଗତକାଲି ଅଧାବାଟରେ ଅଟକିଥିଲେ ତିନି ଠାକୁର। ପୁରୀ ମରିଚିକୋଟ ଛକରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଅଟକି ରହିଥିବା ବେଳେ ଶ୍ରୀକୃଷ୍ଣ ସିନେମା ହଲ୍ ପାଖରେ ଅଟକିଥିଲା ମାଆ ସୁଭଦ୍ରାଙ୍କ ଦର୍ପଦଳନ ରଥ । ସେହିପରି ସିଂହଦ୍ୱାର ସମ୍ମୁଖରୁ ମାତ୍ର ଦୁଇ ପାଦ ଗଡ଼ି ଅଟକି ଯାଇଥିଲେ କାଳିଆ ସାଆନ୍ତେ । ଆଜି ସକାଳ ପ୍ରାୟ ୯ଟା ବେଳେ ପୁଣି ଆରମ୍ଭ ହୋଇ ଯାଇଥିଲା ରଥଟଣା। ରାତି ପାହିଲା ବେଳକୁ ଲୋକାରଣ୍ୟ ହୋଇ ସାରିଥିଲା ଶ୍ରୀକ୍ଷେତ୍ର। ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଗଡ଼ିଥିଲା। ଏହା ପରେ ସୁଭଦ୍ରାଙ୍କ ଦେବଦଳନ ରଥକୁ ଟାଣି ନେଇଥିଲେ ଶ୍ରଦ୍ଧାଳୁ। ଆଉ ଶେଷରେ ଗଡ଼ିଥିଲା କାଳିଆର ନନ୍ଦିଘୋଷ। ଯାହାକୁ ଅପେକ୍ଷା କରି ରହିଥିଲେ ଅଗଣିତ ଜଗନ୍ନାଥ ପ୍ରେମୀ। ଜନ୍ମବେଦି ଅଭିମୁଖେ ତିନି ରଥକୁ ଟାଣି ନେଇଥିଲେ ଭକ୍ତ। ଅପରାହ୍ନ ପ୍ରାୟ ୨ଟା ୪୫ ସୁଦ୍ଧା ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଁଚି ଯାଇଥିଲା ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ। ଶରଧାବାଲିରେ ରଥାରୁଢ଼ ଠାକୁରଙ୍କୁ ଦେଖି ଭକ୍ତିଭାବରେ ଗଦ୍‌ଗଦ୍ ହୋଇ ଉଠିଥିଲେ ଶ୍ରଦ୍ଧାଳୁ। ଏପଟେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଆଗରେ 'ଗୀତ ଗୋବିନ୍ଦ' ଗାଇଥିଲେ ସୂର୍ଯ୍ୟ ନାରାୟଣ ରଥଶର୍ମା। ଯାହା ଆଧ୍ୟାତ୍ମିକ ପରିବେଶକୁ ବହୁଗୁଣିତ କରିଥିଲା। ଆସନ୍ତାକାଲି ଜନ୍ମବେଦିକୁ ଯିବେ ଚତୁର୍ଦ୍ଧାମୂର୍ତ୍ତି । ପରଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ହେବ ଆଡ଼ପ ଦର୍ଶନ, ଆଉ ବାହାରିବ ଆଡ଼ପ ଅବଢ଼ା।

୧୧ ପରେ ରାଜ୍ୟରେ ବଢ଼ିବ ବର୍ଷା !

ଭୁବନେଶ୍ୱର, ୦୮/୭ (ନି.ପ୍ର): ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ ଓ ଗଜପତି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଗାମୀ ୨ ଦିନ ରାଜ୍ୟରେ ବର୍ଷା ଲାଗି ରହିବ। ତେବେ ୧୧ ତାରିଖ ପରେ ବର୍ଷା ବଢ଼ିବାର ସମ୍ଭାବନା ରହିଛି। ଏଥିସହ ଉପକୂଳ ଓଡ଼ିଶାରେ ଅଧିକାଂଶ ଜିଲ୍ଲାରେ ବଜ୍ରପାତ ଓ ଘଡ଼ଘଡ଼ି ହୋଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଏ ନେଇ ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ ଓ ଗଜପତି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାରେ ବଜ୍ରପାତ ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ୯ ଓ ୧୦ ତାରିଖରେ ▶▶ପୃଷ୍ଠା ୭

ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ହଟିବ ଜବରଦଖଲ

ଭୁବନେଶ୍ୱର, ୦୮/୭ (ନି.ପ୍ର): ସାରା ରାଜ୍ୟରେ ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହି ବେଆଇନ ଜବର ଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାରୀ ଜମିଗୁଡ଼ିକ ମୁଖ୍ୟତଃ ବିକାଶ ଓ ସର୍ବସାଧାରଣ କଲ୍ୟାଣ କାର୍ଯ୍ୟ ନିମନ୍ତେ ବ୍ୟବହାର ହୁଏ। ଜବରଦଖଲ ଯୋଗୁ ବିକାଶ ବାଧାପ୍ରାପ୍ତ ହେଉଛି। ତେଣୁ ଏସବୁ ବେଆଇନ ଦଖଲ ତୁରନ୍ତ ହଟାଯିବା ଆବଶ୍ୟକ। ପ୍ରଚଳିତ ନିୟମ ଅନୁଯାୟୀ ଜବର ଦଖଲ ହଟିବା ପରେ ଏହାକୁ ବାଡ଼ ବସାଇ ଓ ଏଥିରେ ସମସ୍ତଙ୍କ ଦୃଷ୍ଟିଗୋଚର ହେବା ଭଳି ସାଇନ୍ ବୋର୍ଡ ଲଗାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆ ଯାଇଛି।

ଜଗନ୍ନାଥଙ୍କ ଭଜନକୁ ଅଶ୍ଳୀଳ ଭାବରେ ଗାଇବା ପରେ ହ୍ୟୁମାନ ଓ ରୁକୁ ସୁନାଙ୍କ ନାମରେ ଥାନାରେ ଅଭିଯୋଗ

ଭୁବନେଶ୍ୱର, ୦୮/୭ (ନି.ପ୍ର): ପୁଣି ଥରେ ଅଡୁଆରେ ପଡିଲେ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର । ତାଙ୍କ ସହ ସିଙ୍ଗର ରୁକୁ ସୁନାଙ୍କ ନାଁରେ ମଧ୍ୟ ମାମଲା ରୁକୁ ହୋଇଛି । ଏଥର ଭଜନକୁ ନେଇ ତାଙ୍କ ନାଁରେ ମାମଲା ରୁକୁ ହୋଇଛି । ହ୍ୟୁମାନ ସାଗର ଓ ରୁକୁ ସୁନାଙ୍କ ନାଁରେ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ କରିଛନ୍ତି ମାନବାଧିକାର କର୍ମୀ ଶିବ ସୁନ୍ଦର ସ୍ୱାଇଁ। ସାମାଜିକ ଗଣମାଧ୍ୟମରେ ଗୋଟିଏ ଭିଡିଓ ଭାଇରାଲ ହେଉଛି ଯେଉଁଥିରେ ଉଭୟ ହ୍ୟୁମାନ ସାଗର ଓ ରୁକୁ ସୁନା ଜଗନ୍ନାଥଙ୍କ ଭଜନକୁ ଅଶ୍ଳୀଳ ଭାବରେ ଗାଇବା ▶▶ପୃଷ୍ଠା ୭

ଆତ୍ମସମର୍ପଣ କରିଥିବା ନକ୍ସଲକୁ ହତ୍ୟା କଲେ ନକ୍ସଲ

ମାଲକାନଗିରି, ୦୮/୭ (ନି.ପ୍ର): ମାଲକାନଗିରି ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲା ଅନ୍ତର୍ଗତ କିଷ୍ଟରାମ ଗ୍ରାମର ଜଣେ ଆତ୍ମସମର୍ପଣ କରିଥିବା ନକ୍ସଲକୁ ନକ୍ସଲମାନେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସୂଚନାଯୋଗ୍ୟ ଯେ କିଷ୍ଟରାମ ଗ୍ରାମର ବାରସେ ମାସା ନାମକ ବ୍ୟକ୍ତି ନକ୍ସଲ ସଂଗଠନରେ ଯୋଗ ଦେଇ କାମ କରୁଥିଲା। ଦୀର୍ଘ ଦିନ କାମ କରିବା ପରେ ସେ ଡିଭିସି ପଦବୀରେ ପଦସ୍ଥ ଥିଲା।ତେବେ ଗତ କିଛି ଦିନ ତଳେ ସେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣମ୍ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲା। ପୁଲିସ ତରଫରୁ ସମସ୍ତ ସହଯୋଗ ପାଇବା ପରେ ସେ କିଷ୍ଟରାମ ଗ୍ରାମରେ ନିଜର ପରିବାର ସହ ରହୁଥିଲା। କିନ୍ତୁ ନକ୍ସଲମାନଙ୍କୁ ଏହା ଠିକ ଲାଗିନଥିଲା।ବାରସେ ମାସା ପୁଲିସ ସହ ମିଶି ନକ୍ସଲ ସଂଗଠନର କ୍ଷତି ଘଟାଉଥିବା ଅନୁମାନ କରି ୨୦ରୁ ୨୫ ନକ୍ସଲ କିଷ୍ଟରାମ ଗ୍ରାମରେ ପହଞ୍ଚି ବାରସେ ମାସାକୁ ଘରୁ ଉଠାଇଥିଲେ। ▶▶ପୃଷ୍ଠା ୭

ମନୁଷ୍ୟ ନିଜ ଭୋଗ ପାଇଁ ପ୍ରକୃତିକୁ ଶୋଷଣ କରୁଛି : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଭୁବନେଶ୍ୱର, ୦୮/୭ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱର ନିକଟସ୍ଥ ହରିଡ଼ାମଡ଼ା ଗ୍ରାମରେ ବ୍ରହ୍ମକୁମାରୀମାନଙ୍କର ଡିଭାଇନ୍ ରିଟ୍ରିଟ୍ ସେଣ୍ଟରକୁ ଉଦଘାଟନ କରିଛନ୍ତି। ସେ ବ୍ରହ୍ମକୁମାରୀମାନଙ୍କର 'ଦୀର୍ଘସ୍ଥାୟିତ୍ୱ ପାଇଁ ଜୀବନଶୈଳୀ'ର ଏକ ଜାତୀୟ ଅଭିଯାନ ମଧ୍ୟ ଆରମ୍ଭ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ ଯେ ପ୍ରକୃତି ମାତା ଆମକୁ ଦେଇଥିବା ପରିପୂର୍ଣ୍ଣ ସମ୍ପଦ ଯଥା- ଜଙ୍ଗଲ, ପର୍ବତ, ନଦୀ, ହ୍ରଦ, ସମୁଦ୍ର, ବର୍ଷା, ବାୟୁ- ଏସବୁ ଜୀବଜନ୍ତୁଙ୍କ ବଞ୍ଚିବା ପାଇଁ ଜରୁରୀ। କିନ୍ତୁ ମନୁଷ୍ୟ ମନେ ରଖିବା ଉଚିତ ଯେ ପ୍ରକୃତିର ପ୍ରଚୁରତାକୁ ନିଜର ଆବଶ୍ୟକତା ପାଇଁ ଉପଯୋଗ କରିବା ଉଚିତ, ନିଜ ଲୋଭ ପାଇଁ ନୁହେଁ । ମନୁଷ୍ୟ ନିଜ ଭୋଗ ପାଇଁ ପ୍ରକୃତିକୁ ଶୋଷଣ କରୁଛି ଏବଂ ଏପରି କରି ପ୍ରକୃତିର କ୍ରୋଧର ଶିକାର ହେଉଛି । ପ୍ରକୃତି ସହ ସମନ୍ୱୟ ସ୍ଥାପନ ଏବଂ ପ୍ରକୃତି ଅନୁକୂଳ ଜୀବନ ବଞ୍ଚିବା ସମୟର ଆବଶ୍ୟକତା ବୋଲି ସେ କହିଥିଲେ। ରାଷ୍ଟ୍ରପତି ▶▶ପୃଷ୍ଠା ୭

ଖୋଲିବ କି ଯାଜପୁର ଖଣି ଦୁର୍ନୀତିର ପେଡ଼ି: ଖଣି ନିର୍ଦ୍ଦେଶକଙ୍କୁ ଚିଠି ଲେଖିଲେ ବିଜେପି ବିଧାୟକ

ଯାଜପୁର, ୦୮/୭ (ନି.ପ୍ର): ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବେଆଇନ ଖଣି ଓ କ୍ରସର କାରବାରର ତଦନ୍ତ ପାଇଁ ବିଜେପି ବିଧାୟକ ହିମାଂଶୁ ଶେଖର ସାହୁ ଦାବି କରିଛନ୍ତି । ତାଙ୍କ ନିର୍ବାଚନମଣ୍ଡଳୀର ବିଛାଖଣ୍ଡି, ରାହାଡ଼ପୁର, ଅଞ୍ଜିରା, ବାଜବତୀ, ଚଢ଼େଇଧରା, ମଳାଗଡ଼ା, କୁସୁମପୁର ସମେତ ଅନ୍ୟାନ୍ୟ କ୍ରସର ଓ ଖଣିରେ ବେଆଇନ ଖନନ ଆଦିର ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଧର୍ମଶାଳା ବିଧାୟକ ଶ୍ରୀ ସାହୁ ତାଙ୍କର ୪ ପୃଷ୍ଠାର ଚିଠିରେ ୧୪ଟି ପ୍ରସଙ୍ଗ ଉଠାଇ କିଭଳି ବେଆଇନ ଭାବେ କ୍ରସର ଓ ଖଣି ଖନନ ହୋଇଛି, ପରିବେଶକୁ ନଷ୍ଟ କରି କୋଟିକୋଟି ଟଙ୍କା ରାଜସ୍ୱ ଲୁଟ୍ କରାଯାଇଛି ସେ ସମ୍ପର୍କରେ ତଥ୍ୟ ରଖିଛନ୍ତି । ସୂଚନା ଅନୁସାରେ, ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଗତମାସ ୨୮ତାରିଖରେ ରାଜ୍ୟ ଖଣି ନିର୍ଦ୍ଦେଶକଙ୍କୁ ଚିଠି ଲେଖି ତାଙ୍କ ନିର୍ବାଚନମଣ୍ଡଳୀରେ ବେଆଇନ ଖଣି ଖନନ ଓ କ୍ରସର କାରବାର ଯୋଗୁ କିଛି ଲୋକ ରାଜକୋଷକୁ ବିପୁଳ ଭାବେ ▶▶ପୃଷ୍ଠା ୭

ନିଟ୍-ୟୁଜି ପେପର ଲିକ୍: ସିବିଆଇ ଓ କେନ୍ଦ୍ରକୁ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୦୯/୭ : ନିଟ୍ ୟୁଜି ପରୀକ୍ଷାରେ ହୋଇଥିବା ଅନିୟମିତତାରେ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ନିଟ୍? ୟୁଜି ପରୀକ୍ଷାରେ ପେପର ଲିକ୍ ହୋଇଥିବା କଥାକୁ ସ୍ୱୀକାର କରିବାକୁ ପଡ଼ି ବୋଲି ସର୍ବୋଚ୍ଚ ଅଦାଲତ ମତ ରଖିଛନ୍ତି। ପରୀକ୍ଷାରେ ଅନିୟମିତତା ହେବା ପରେ ଘଟଣାର ତଦନ୍ତ ସିବିଆଇ ଆରମ୍ଭ କରିଥିଲା। ତେଣୁ ସର୍ବୋଚ୍ଚ ଅଦାଲତ ସିବିଆଇ, ପରୀକ୍ଷା ଆୟୋଜନ କରିଥିବା ଏନଟିଏ ଓ କେନ୍ଦ୍ର ସରକାରଙ୍କୁ ପୂରା ଘଟଣାର ଷ୍ଟାଟସ ରିପୋର୍ଟ ମାଗିଛନ୍ତି। ୧୦ ଜୁଲାଇ ଅପରାହ୍ନ ୫ଟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ରିପୋର୍ଟ ଦାଖଲର ଦିନକ ପରେ ଅର୍ଥାତ ଜୁଲାଇ ୧୧ରେ ମାମଲା ପରବର୍ତ୍ତୀ ଶୁଣାଣି ହେବ। ପରୀକ୍ଷାରେ ଅନିୟମିତତା ହୋଇଥିବାରୁ ପୁଣି ନିଟ-ୟୁଜି ଆୟୋଜନ ଦାବିରେ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଏର କରାଯାଇଛି। ତେବେ କେନ୍ଦ୍ର ସରକାର ପୁନଃ ପରୀକ୍ଷାକୁ ବିରୋଧ କରିଛନ୍ତି। ଅନିୟମିତତା କିଛି ସ୍ଥାନ ଓ କିଛି ପିଲାଙ୍କ ମଧ୍ୟରେ ସୀମିତ। ତେଣୁ ପୁନଃ ପରୀକ୍ଷା କରି ୨୩ ଲକ୍ଷ ପିଲାଙ୍କୁ ହଇରାଣ କରାଯାଇ ପାରିବ ▶▶ପୃଷ୍ଠା ୭

ରାସ୍ତା ପାଇଁ କାଟିଦେଲେ ସରକାର: ଏବେ ଗଛ ଲଗାଉଛନ୍ତି ଦମ୍ପତି

ନୂଆପଡ଼ା, ୦୮/୦୭ (ନି.ପ୍ର): ରାସ୍ତା ସମ୍ପ୍ରସାରଣ ପାଇଁ ଗଛ କାଟିଦେଲେ ସରକାର। ହେଲେ ଚାରା ରୋପଣ କରିବାକୁ ଭୁଲିଗଲେ। ସରକାରଙ୍କ ହାତକୁ ନଅନାଇ ନିଜସ୍ୱ ଉଦ୍ୟମରେ ନିର୍ମାଣ ହୋଇଥିବା ବିଜୁ ଏକ୍ସପ୍ରେସ୍ ୱେ'ର ଦୁଇ ପାର୍ଶ୍ୱରେ ଚାରା ରୋପଣ କରୁଛନ୍ତି ଦମ୍ପତି। ଚଳିତବର୍ଷ ୫୦ କିଲୋମିଟର ପର୍ଯ୍ୟନ୍ତ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏମିତିକି ନିଆରା ଦମ୍ପତି ହେଉଛନ୍ତି ପୀତାମ୍ବର ଦୀପ ଓ ତାଙ୍କ ପତ୍ନୀ ହୃସିକା ସଗରିଆ। ନୂଆପଡ଼ା ଜିଲ୍ଲାରୁ ଆସିଛି ଏପରି ଭଲ ଖବର। ବୁଡେନ୍ ବ୍ଲକ୍ ଜାମଗାଁର ପୀତାମ୍ବର ଦୀପ। ପେଶାରେ ସେ ଜଣେ ଶିକ୍ଷକ। ବର୍ତ୍ତମାନ ସେ ଲିଟିସର୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରକାରୀ ଶିକ୍ଷକ ଅଛନ୍ତି। ତାଙ୍କ ପତ୍ନୀ ହୃସିକା ସଗରିଆ ହରିଜନପଡ଼ା ଗାଁରେ ଅଙ୍ଗନବାଡି ଦିଦି ଭାବେ ଚାକିରି କରୁଛନ୍ତି। ସ୍ୱାମୀ ଓ ସ୍ତ୍ରୀଙ୍କ ପେଶା ଅଲଗା ଅଲଗା ହୋଇଥିଲେ ମଧ୍ୟ ନିଶା ଏକ। ଉଭୟ ପରିବେଶ ପ୍ରେମୀ। ସବୁଜିବା ବଳୟ ସୃଷ୍ଟି କରିବା ପାଇଁ ପ୍ରତିଦିନ ଚାରା ରୋପଣ କରୁଛନ୍ତି। ପୀତାମ୍ବର ସ୍କୁଲ ଗଲା ବେଳେ ଓ ଫେରିଲା ବେଳେ ଚାରା ରୋପଣ କରନ୍ତି। ସ୍କୁଲ ଓ ଅଙ୍ଗନବାଡ଼ି ଛୁଟି ଦିନ ଥିଲେ କଥା ସରିଲା। ସକାଳ ହେଲେ ସ୍ୱାମୀ ସ୍ତ୍ରୀ ହାତରେ କୁଦାଳ ଓ ଟୋକେଇ ଧରି ବାହାରି ପଡୁଛନ୍ତି। ରାସ୍ତାର ପାର୍ଶ୍ୱରେ ଗାତ ଖୋଳି ଚାରା ରୋପଣ କରୁଛନ୍ତି। ବୋଡେନ୍-ସିନାପାଟି ରାସ୍ତାର ଦୁଇ ପାର୍ଶ୍ୱରେ ଚାରା ରୋପଣ କରୁଛନ୍ତି। ୯୦ କିଲୋମିଟର ବିଶିଷ୍ଟ ଏହି ରାସ୍ତାରେ ଏବର୍ଷ ୫୦ କିଲୋମିଟର ପର୍ଯ୍ୟନ୍ତ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଭୟ ସ୍ୱାମୀ-ସ୍ତ୍ରୀ ରାସ୍ତା ପାର୍ଶ୍ୱରେ ନିମ, କରଞ୍ଜ, ଅଶ୍ୱତ୍ଥ, ବର, ଆମ୍ବ, ବେଲ୍ ଇତ୍ୟାଦି ଚାରା ରୋପଣ କରୁଛନ୍ତି। ଆଉ ତା'ର ଯତ୍ନ ନେଉଛନ୍ତି। ଗଛ ବଢ଼ିଗଲେ ଖରା ଦାଉରୁ ରକ୍ଷା ପାଇବା ପାଇଁ ପଥଚାରୀମାନେ ତା' ମୂଳରେ ବିଶ୍ରାମ ନେଇ ପରମ ଆନନ୍ଦ ଅନୁଭବ କରିବେ ବୋଲି ପୀତାମ୍ବର ଓ ତାଙ୍କ ପତ୍ନୀ ସଗରିଆ କହିଛନ୍ତି। ପୀତାମ୍ବରଙ୍କ କହିବା ଅନୁସାରେ ପୂର୍ବରୁ ବୋଡେନ୍-ସିନାପାଟି ରାସ୍ତା ଦୁଇ ଥାକିଆ ହୋଇଥିଲା। ସେହି ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ମୂଲ୍ୟବାନ ଗଛ ଲାଗିଥିଲା। ପ୍ରବଳ ଖରା ହେଲେ ଲୋକମାନେ ସେହି ଗଛ ମୂଳରେ ବିଶ୍ରାମ ନେଉଥିଲେ। ଏବେ ସେହି ରାସ୍ତାକୁ ବିଜୁ ଏକ୍ସପ୍ରେସ୍ ୱେ'ରେ ରୂପାନ୍ତରିତ କରାଯାଇଛି। ଆଉ ସେହି ରାସ୍ତାକୁ ଚାରି ଥାକିଆ କରାଯାଇଛି। ଯେଉଁଥିପାଇଁ ରାସ୍ତା ପାର୍ଶ୍ୱରେ ଥିବା ବଡ଼ ବଡ଼ ଗଛ ଗୁଡ଼ିକୁ କାଟି ଆଦିଆଯାଇଛି। ଗଛ କଟାଯିବା ପରେ ରାସ୍ତାରେ ରାଜୁତି କରୁଛି ଖରା। ପରିବେଶ ମଧ୍ୟ ସନ୍ତୁଳନ ହରାଉଛି। ପୁଣି ଥରେ ସେହି ରାସ୍ତାକୁ ହରାଭରା କରିବା ଲକ୍ଷ୍ୟରେ ଚାରା ରୋପଣ କରୁଛି ବୋଲି ପୀତାମ୍ବର ସାର କହିଛନ୍ତି। ପୀତାମ୍ବର ଓ ତାଙ୍କ ପତ୍ନୀ ସଗରିଆଙ୍କ ଏହି ଉଦ୍ୟମକୁ ସ୍ଥାନୀୟ ଲୋକେ ବହୁ ପ୍ରଶଂସା କରିଛନ୍ତି। ଆଉ ସମୟ ମିଳିଲେ ଗାଁ ଲୋକମାନେ ସେମାନଙ୍କୁ କାମରେ ସହଯୋଗ କରୁଛନ୍ତି।

ବିଧାୟକ ଧ୍ରୁବ ସାହୁଙ୍କୁ ବିରୋଧ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୦୮/୦୭ (ନି.ପ୍ର): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ କହିଛନ୍ତି ଯେ ରାଜନଗର ବିଧାୟକ ଧ୍ରୁବ ସାହୁ ରାଜନଗର ନିର୍ବାଚନ ମଣ୍ଡଳୀରେ ବିରୋଧି ଦଳଙ୍କୁ ଦମନ କରିବାପାଇଁ ପ୍ରଚେଷ୍ଟା କରୁଛନ୍ତି । ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭିତରକନିକା ଅଭୟାରଣ୍ୟ ପରିସୀମା ମଧ୍ୟରେ ବାଙ୍କୁଆଳ ମୌଜା ଜଙ୍ଗଲ ଜମିକୁ ଜବରଦଖଲ କରି "ସ୍ୱାଦ" ହୋଟେଲ ନିର୍ମାଣ କରାଯାଇଛି ଏବଂ ଏହି ହୋଟେଲରେ ସ୍ଥାନୀୟ ବିଧାୟକ ଧ୍ରୁବ ସାହୁ ଅଂଶୀଦାର ଅଛନ୍ତି। ଏହି ହୋଟେଲରେ ଅନୈତିକ କାର୍ଯ୍ୟ ଚାଲିଛି ବୋଲି ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଗତ ଜୁଲାଇ ୫ ତାରିଖରେ ଏହି ହୋଟେଲର ବେଆଇନ ନିର୍ମାଣ ଏବଂ ଏଠାରେ ଚାଲିଥିବା ଅନୈତିକ କାର୍ଯ୍ୟକୁ ପ୍ରତିବାଦ କରି ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବିଭୁପ୍ରସାଦ ଜେନା ବିକ୍ଷୋଭ ପ୍ରଦର୍ଶନ କରିବାପାଇଁ ପ୍ରସ୍ତୁତ ହେଉଥିବା ବେଳେ ବିଧାୟକଙ୍କ ଇଙ୍ଗିତରେ ବିଜୁ ଜନତା ଦଳର ଗୁଣ୍ଡାମାନେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତିଙ୍କୁ ଆକ୍ରମଣ କରିବାପାଇଁ ଯୋଜନା କରିଥିଲେ। ସେମାନେ ହାତରେ ମାରଣାସ୍ତ୍ର ଧରି ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବିଭୁପ୍ରସାଦ ଜେନାଙ୍କୁ ବିକ୍ଷୋଭ ନକରିବାକୁ ଧମକ ଦେଇଥିଲେ। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପୋଲିସକୁ ଏ ସମ୍ପର୍କରେ ଜଣାଇଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ । ଯଦି ବିଧାୟକଙ୍କର ଦୁର୍ନୀତିକୁ ଲୋକଲୋଚନକୁ ଆଣୁଥିବା ରାଜନେତାଙ୍କର ସ୍ୱରକୁ ବଳପୂର୍ବକ ଅବରୋଧ କରାଯାଏ ତେବେ ଛାତ୍ର କଂଗ୍ରେସ ଏହାର ଦୃଢ଼ ପ୍ରତିବାଦ କରିବ। ସ୍ୱାଦ ହୋଟେଲ ଏକ ରଙ୍ଗଶାଳା ବୋଲି ଅଭିଯୋଗ ହେଉଛି। ସେଠିକୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ମଧ୍ୟ ପୂର୍ବରୁ ଯାଉଥିଲେ। ପଟ୍ଟାମୁଣ୍ଡାଇରେ, କେନ୍ଦ୍ରାପଡ଼ାରେ ଏବଂ ଭୁବନେଶ୍ୱରରେ ବିଧାୟକ ଧ୍ରୁବ ସାହୁଙ୍କୁ ବିରୋଧ କରାଯିବ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ କହିଛନ୍ତି।

ସେହିପରି ସୁନ୍ଦରଗଡ଼ର ଗଞ୍ଜାବାହାର କୋଇଲା ଓ୍ୱାସେରିରେ ଦୁଇଟି ବ୍ୟବସାୟୀଙ୍କ ମଧ୍ୟରେ ବିବାଦ ଘଟି ୨୦୦ ରାଉଣ୍ଡ ଗୁଳି ଫୁଟିଥିଲା ଏବଂ ସେଠାରେ ବମ ମାଡ ମଧ୍ୟ ହୋଇଥିଲା। ନିକଟରେ ବାଲେଶ୍ୱରରେ ସାମ୍ପ୍ରଦାୟୀକ ଦଙ୍ଗା ପରିସ୍ଥିତି ସୃଷ୍ଟି, ଭୁବନେଶ୍ୱର ପଦ୍ମକେଶରୀପୁର ସଂଘର୍ଷ, ଭୁବନେଶ୍ୱର ଗଧିଆଖାଲ ଅଂଚଳ ଗୁଳିକାଣ୍ଡ ଏପରି ଅନେକ ଘଟଣା ନିକଟରେ ଘଟିଛି। ମାତ୍ର ପୋଲିସ ପ୍ରଶାସନର ସକ୍ରିୟତା ଅନୁଭବ କରି ହେଉନାହିଁ। ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ନିକଟରେ ଗୁଣ୍ଡାଗର୍ଦ୍ଦି କରିଥିବା ବିଜେପି ଯୁବ ମୋର୍ଚ୍ଚାର କର୍ମୀମାନେ ମଧ୍ୟ ଏପର୍ଯ୍ୟନ୍ତ ଧରାପଡ଼ିଲେ ନାହିଁ। ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଚୁନୁ ସିଂ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଛାତ୍ର କଂଗ୍ରେସ ମୁଖ୍ୟମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ର ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ବିଭୁପ୍ରସାଦ ଜେନା ଉପସ୍ଥିତ ଥିଲେ।

ଗଂଜାମ ଜିଲ୍ଲାରେ ରଥଯାତ୍ରା

ଗଞ୍ଜାମ, ୦୮/୦୭ (ନି.ପ୍ର): ଗଂଜାମ ଜିଲାରେ ଗତକାଲି ଓ ଆଜି ଦୁଇ ଦିନ ଧରି ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗୋଷାଣୀ ନୂଆଗାଁ,କୋର୍ଟ ପେଟା, ଗୋଇଲୁଣ୍ଡି, ଖୋଡାସିଗିଂ, ପାଲୁରବଂଗଲା ଶ୍ରୀରାମନଗର, ବଡଜଗନ୍ନାଥ, ମିଲିଟାରୀଲାଇନ, ପିତଳ, ଶେରଗଡ, ଅଲାରୀଗଡ, କୁକୁଡାଖଣ୍ଡି, ହିଂଜିଳିକାଟୁ, ଆସିକା, ଜରଡା, ସୁରିଂଗି, ଛତ୍ରପୁର ଓ ଚିକିଟୀ ପ୍ରଭୃତି ଜଗନ୍ନାଥ ମନ୍ଦିରରେ ଗତକାଲି ନେତ୍ର ଉତ୍ସବ ଓ ନବ ଯୌବନ ଦର୍ଶନ ପରେ ଠାକୁରମାନଙ୍କୁ ରଥାରୁଢ କରାଯାଇ ସଂଧ୍ୟା ରେ କିଛି ବାଟ ରଥଟଣା ପରେ ରଥ ଉପରେ ଠାକୁର ମାନେ ଅଟକି ରହିଥିଲେ । ଜିଲାର ସମସ୍ତ ଅଂଚଳରେ ପ୍ରବଳ ବର୍ଷା ହୋଇଯାଇଛି । ଆଜି ପୁଣି ପ୍ରବଳ ଜନସମାଗମ ମଧ୍ୟରେ ରଥଟଣା ଯାଇ ଗୁଣ୍ଡିଚା ବେଦି ଅଣାଯାଇ ଠାକୁର ମାନଙ୍କୁ ଅଧିଷ୍ଠିତ କରାଯାଇଛି।

ଜବାହାର ନବୋଦୟ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

କୋରେଇ, ୦୮/୦୭ (ନି.ପ୍ର): ପାଣିକୋଇଲିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ୭୫ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଦୀକ୍ଷାଜ୍ୟୋତି ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ଉକ୍ତ ଉତ୍ସବରେ ଯାଜପୁର ରୋଡ଼ ବନାଂଚଳ ଅଧିକାରୀ ଜ୍ୟୋତି ରଂଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବନମହୋତ୍ସବ ପାଳନ ଓ ବୃକ୍ଷରୋପଣର ତାତ୍ପର୍ଯ୍ୟ ବିଷୟରେ ବୁଝାଇବା ସହିତ ନିଜେ ଚାରାରୋପଣ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ପରେ ଆମ୍ବ, ପଣସ, ପିଜୁଳି, ପେଷ୍ଟା, ଅଁଳା, ବାଉଁଶ, ହରିଡ଼ା, ବାହାଡ଼ା ଆଦି ପ୍ରଜାତିର ୨୦୦ ଚାରା ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଫରେଷ୍ଟର ନିଳିମା ପ୍ରିୟଦର୍ଶିନୀ ନାୟକ, ଫରେଷ୍ଟ ଗାର୍ଡ଼ ତ୍ରିଲୋଚନ ଦାସ, ନିର୍ମଳ ମଲ୍ଲିକ ଏବଂ ବିଦ୍ୟାଳୟର ସହକାରୀ ଅଧ୍ୟାପକ ପ୍ରଦ୍ୟୁମ୍ନ ମହାରଣା, ବିଭା ଯାଦବ, ସଂଜୟ ମହାପାତ୍ର, ମଧୁମିତା ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଦନ୍ତାର ଟାର୍ଗେଟରେ ଗରିବ ଆଦିବାସୀ ଚାଷୀ ଜୁଗୁରାଇ: ତିନିଥର ହାତୀ ଆକ୍ରୋଶର ଶିକାର

ଘୁ. ଉଦୟଗିରି, ୦୮/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତର କଳିଙ୍ଗା ଘାଟି ଆରମ୍ଭରେ ଜଣେ ଆଦିବାସୀ ଗରିବ ଚାଷୀ ହାତୀର ଉପଦ୍ରବରେ ସର୍ବସ୍ୱ ହରେଇ ଏବେ ଅସହାୟ ଅବସ୍ଥାରେ ଚିନ୍ତାରେ ପଡିଛନ୍ତି। ଥରେ କି ଦୁଇଥର ନୁହେଁ, ତିନି ଥର ହେଲା ବାରମ୍ବାର ସେଇ ଚାଷୀଙ୍କ ଘରେ ବଗିଚାରେ ପସି ଘରଭାଙ୍ଗିବା ସହ ଗଛ ଗୁଡିକ ନଷ୍ଟ କରିଚାଲିଛି। ୨ତାରିଖ ରାତିରେ ଦନ୍ତା କଳିଙ୍ଗା ଘାଟି ଆରମ୍ଭରେ ଥିବା ନେଡିକଲାର ଜୁଗୁରାଇ ପ୍ରଧାନଙ୍କ ଘରର କିଛି ଅଂଶ ଭାଙ୍ଗିବା ସହ ନଡ଼ିଆ ଗଛ, ଆମ୍ବ ଗଛ, କଦଳୀ ଗଛ, ଝାଡୁ ଏବଂ ପରିବା ଫସଲ ନଷ୍ଟ କରିଥିଲା। ପୁଣି ୩ତାରିଖରେ ପସି ଘରର ଆଉ କିଛି ଅଂଶ ଭାଙ୍ଗିବା ସହ ଫସଲ ଖାଇଥିଲା। ପୁଣି ଶନିବାର ରାତିରେ ଏକ ଦନ୍ତା ହାତୀ ଆସି ଘର ଭାଙ୍ଗି ଫସଲ ନଷ୍ଟ କରିବା ସହିତ ବହୁତ୍ କଷ୍ଟରେ ଚାଷ କାର୍ଯ୍ୟ କରିବା ନିମନ୍ତେ କିଣିଥିବା ପାୱାର ଟିଲର୍ ସଂପୂର୍ଣ୍ଣ ଭାଙ୍ଗି ଦେଇଛି। ଏକ ଗରିବ ପରିବାର ଯୁଗୁରାଇ ପ୍ରଧାନଙ୍କ ଘର ପୁଣି ଭାଙ୍ଗିବା ସହିତ ଅନେକ ଫସଲ କ୍ଷୟକ୍ଷତି କରିଛନ୍ତି ଏବଂ ନଡ଼ିଆ, ଆମ୍ବ, ଝାଡୁ, କଦଳୀ, ଲିଚୁ ଭଳି ମୂଲ୍ୟବାନ ବୃକ୍ଷ ନଷ୍ଟ କରିଛନ୍ତି। ଗରିବ ଆଦିବାସୀ ଚାଷୀ ଙ୍କ ଉପରେ ଦାଉ ସାଜିଛି ଦନ୍ତା।ବାରମ୍ବାର ଏହି ଚାଷୀଙ୍କ କ୍ଷୟକ୍ଷତି କରି ତାଙ୍କ ଆର୍ଥିକ ମେରୁଦଣ୍ଡ କୁ ସମ୍ପୂର୍ଣ୍ଣ ମୋଡି ଦେଇଛି।ଜୁଗୁରାଇ ଆଉ ଚାଷ କରିବାକୁ ସକ୍ଷମ ନୁହଁନ୍ତୁ। କାରଣ ତାଙ୍କ ସମ୍ପୂର୍ଣ୍ଣ ଘର ଭାଙ୍ଗିବା ସହ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାସହ ଯାହା ସାହାଯ୍ୟରେ ଚାଷ କରୁଥିଲେ ଟ୍ରଲର ବି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରାଜ୍ୟ ସରକାର ଏହି ଆଦିବାସୀ ଗରିବ ଚାଷୀ କୁ କ୍ଷତିପୂରଣ ଦେବା ସହ ଚାଷ ପାଇଁ ପ୍ରୋତ୍ସାହନ ଯୋଗେଇ ଦେବାକୁ ସ୍ଥାନୀୟ ଲୋକ ନିବେଦନ କରିଛନ୍ତି।

ଶ୍ରୀ ଗୁଣ୍ଡିଚାର ଦ୍ୱିତୀୟ ଦିନରେ ରଥ ବାମ ମୋଡ ନେଇ ଅଟକିଲା ମଠ ଆଗରେ

କେନ୍ଦ୍ରାପଡ଼ା, ୦୮/୦୭ (ନି.ପ୍ର): ଶ୍ରୀ ଗୁଣ୍ଡିଚାର ଦ୍ୱିତୀୟ ଦିନରେ ରଥ ଟଣା ହୋଇ ମାଉସୀ ମା ଚକଡାରେ ଲାଗିବା କଥା । ମାତ୍ର ଚଳିତ ବର୍ଷ ପୁଣି ଅଘଟଣ ଘଟି ରଥ ବାମ ମୋଡ ନେଇ ଶ୍ରୀ ବଳଦେବଜୀଉ ଙ୍କ ଏଣ୍ଡାଓମେଣ୍ଟ ଅଫିସ ଆଗରେ ଅଟକି ରହିଛି । ଫଳରେ ରଥ ଟାଣିବା ପାଇଁ ଓ ଯାତ୍ରା ଦେଖିବା ପାଇଁ ଅସିଥିବା ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଓ ଭକ୍ତ ନିରାଶ ହୋଇଛନ୍ତି । ହାଇଡ୍ରୋଲିକ ଜଗ ଲଗାଇ ରଥକୁ ଟେକି ଚକକୁ ଟ୍ରାକରେ ପକାଇବା ପାଇଁ ଉଦ୍ୟମ କରାଯାଇ ଥିଲେ ମଧ୍ୟ ସଫଳ ହୋଇପାରି ନାହିଁ । ତେବେ ରାତି ସୁଦ୍ଧା ରଥ ର ବାମ ମୋଡ କୁ ସୁଧରା ଯାଇ ମାଉସୀ ମା ଅଭିମୁଖେ କରାଯିବାର ବ୍ୟବସ୍ଥା କରାଯାଉଛି । ଓ ଆସନ୍ତାକାଲି ସକାଳ ୧୧ଟା ସମୟରେ ରଥଟଣା ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗତକାଲି ପରମ୍ପରା ଭଙ୍ଗାଯାଇ ରଥଟଣା ଯାଇ ନଥିଲା । ଜୀଉ ମାନଙ୍କୁ ପହଣ୍ଡି ବିଜେ କରି ରଥାରୂଢ କରାଇବା ସମୟ ବେଳକୁ ଓ ଚାରମାଳ ଖୋଲିବା ଓ ଘୋଡା ଯୋଚାଯିବା ବେଳକୁ ସଂନ୍ଧ୍ୟା ହୋଇଯିବାରୁ ରଥଟଣା ବନ୍ଦ ରହିଥିଲା । ତେବେ ଆଜି ଦିନ ୧। ରେ ରଥଟଣା ଆରମ୍ଭ ହେବାକୁ ଥିବାବେଳେ ଜାଣିଶୁଣି ବିଳମ୍ବ କରାଯାଇ ଦିନ ୩ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା । ମନ୍ଦିର ପ୍ରଶାସନ ପ୍ରତି ବର୍ଷ ରଥ ଚଳାଉ ଥିବା ଅଭିଜ୍ଞ ଡାହୁକ ଙ୍କ ବଦଳରେ ଜଣେ ଅନଭିଜ୍ଞ ଡାହୁକଙ୍କୁ ରଥ ଚଳାଇବା ଦାୟିତ୍ୱ ଦେଇ ଥିବାରୁ ରଥ ବାମ ମୋଡ ନେଇ ଶ୍ରୀ ବଳଦେବଜୀଉ ଙ୍କ ଏଣ୍ଡାଓମେଣ୍ଟ ଅଫିସ ଆଗରେ ଅଟକି ରହିଛି । ଫଳରେ ୩ ବର୍ଷ ତଳେ ଯେଉଁ ସମସ୍ୟା ସୃଷ୍ଟି ହୋଇଥିଲା ସେହିଭଳି ରଥ ଚାଲିବାର ଅନିଶ୍ଚିନ୍ତତା ଦେଖା ଦେଇଛି । ତେବେ ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ସେବାୟତ ମାନଙ୍କ ମଧ୍ୟରେ ସମନ୍ୱୟ ନ ଥିବାରୁ ଏଭଳି ସମସ୍ୟା ଉପୁଜିଥିବା ବହୁ ଶ୍ରଦ୍ଧାଳୁ ମତ ଦେଇଛନ୍ତି । ତେବେ କେତେଜଣ ସେବାୟତ ଶ୍ରୀ ଜୀଉଙ୍କ ରଥଯାତ୍ରା ରେ ଜାଣିଶୁଣି ବିଶୃଙ୍ଖଳା କରୁଥିବା ସ୍ଥାନୀୟ ଅଂଚଳର ବହୁ ଲୋକେ ଆଲୋଚନା କରୁଛନ୍ତି । ଗତବର୍ଷ ରଥଯାତ୍ରା ରେ ଏହିଭଳି ବିଶୃଙ୍ଖଳା ସୃଷ୍ଟି କରିଥିବା ସେବାୟତମାନଙ୍କୁ ଚିହ୍ନଟ କରାଯାଇ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାରୁ ସେହି ବିଶୃଙ୍ଖଳାକାରୀ ମାନେ ଅଧିକ ଉତ୍ସାହିତ ହୋଇ ଚଳିତ ବର୍ଷ ମଧ୍ୟ ବିଶୃଙ୍ଖଳା ସୃଷ୍ଟିକରି ବିଳମ୍ବରେ ପହଣ୍ଡି କରାଇବା କାର୍ଯ୍ୟ କରିବାରୁ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁ ମାନସିକ ଆଘାତ ପାଇବା ସହ ଜିଲ୍ଲା ପ୍ରଶାସନ ର ନିଷ୍କ୍ରିୟତା ପ୍ରତି ଅବଜ୍ଞା ପ୍ରକାଶ କରା ଯାଇଥିବା ଆଲୋଚନା ହେଉଛି । ତେବେ ଆଜିର ରଥଯାତ୍ରା ପରିଚାଳନା ପାଇଁ ରଥଦାଣ୍ଡ ରେ ବିଧାୟକ ଗଣେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ତଥା ବିଜେପି ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ତହସିଲଦାର ତାପସ ରଂଜନ ଦେହୁରୀ, ଏସଡିପିଓ ଦେବେନ୍ଦ୍ର ମଲିକ, ଟାଉନ ଥାନା ଅଧିକାରୀ ଦିଲିପ ସାହୁ, ଏଣ୍ଡାଓମେଣ୍ଟ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ମଧ୍ୟ ନିରୂପାୟ ହୋଇ ଦେଖୁଥିଲେ । ଅନୁକୂଳ ପାଗ ସାଙ୍ଗକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ରଥଯାତ୍ରା କୁ ସୁରୁଖୁର ରେ ସଂପନ୍ନ କରିବା ପାଇଁ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ କେତେକ ସେବାୟତଙ୍କ ବିଶୃଙ୍ଖଳା ସମସ୍ତ ଆଶାକୁ ଭଣ୍ଡୁର କରି ଦେଇଛି ।

ବ୍ରହ୍ମବରଦାରେ ଜବର ଦଖଲ ନେଇ ବଢୁଛି ଟ୍ରାଫିକ୍ ସମସ୍ୟା : ପ୍ରଶାସନର ଦୃଷ୍ଟି ପଡିବ କେବେ ?

ଧର୍ମଶାଳା, ୦୮/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ ଏବେ ଗୁରୁତର ଟ୍ରାଫିକ୍ ସମସ୍ୟା ଦେଖା ଦେଇଛି । ମୁଖ୍ୟ ଓ ଗାଁ ଗହଳିର ରାସ୍ତାରେ ସବୁଠି ଟ୍ରାଫିକ୍ ସମସ୍ୟା । ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ବି ସମସ୍ୟାର ସମାଧାନ ହେଉନି । ଅନ୍ୟପକ୍ଷରେ ସ୍ଥାନୀୟ ପ୍ରଶାସନିକ ତଥା ପୋଲିସ ପ୍ରଶାସନର ଅବହେଳା ପାଇଁ ଟ୍ରାଫିକ୍ ସମସ୍ୟା ଲାଗି ରହିବାର ଲୋକଙ୍କଠାରୁ ଶୁଣିବାକୁ ମିଳୁଛି । ତେବେ ସ୍ଥାନୀୟ ଜନସାଧାରଣ ଓ କିଛି ମୁ:ଟିମେୟ ବ୍ୟବସାୟୀ ରାସ୍ତା କଡରେ ରହି ରାସ୍ତା ଜବର ଦଖଲ କରିଛନ୍ତି । ଯାହାକୁ ନେଇ ଏପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବ୍ୟାଙ୍କକୁ ଆସୁଥିବା ଗ୍ରାହକ ଓ ସ୍କୁଲ କଲେଜର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ । ଅବିଭକ୍ତ ବ୍ରହ୍ମବରଦା ଜିଲାର ଏକ ଅଗ୍ରଣୀ ବ୍ୟବସାୟ ପ୍ରତିଷ୍ଠାନ ଭାବେ ବେଶ ଜଣାଶୁଣା । ବରୁହାଁ-ବାଲିଚନ୍ଦ୍ରପୁର ଓ ବ୍ରହ୍ମବରଦା-ଜାରକା ଅଂଚଳକୁ ସଂଯୋଗ କରୁଛି ବ୍ରହ୍ମବରଦା ବ୍ୟାଙ୍କଛକ ଠାରେ ଥିବା ରାସ୍

ବ୍ରହ୍ମାଙ୍କ ପଞ୍ଚମ ମୁଣ୍ଡ କିଏ ଓ କାହିଁକି କାଟିଥିଲେ, ସୃଷ୍ଟିକର୍ତ୍ତା ପୂଜା ନ ପାଇବାର କାରଣ କ'ଣ ?

ହିନ୍ଦୁ ଧର୍ମରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ । ମାତ୍ର ସାରା ସୃଷ୍ଟିର ରଚୟିତା ବ୍ରହ୍ମାଙ୍କ ପୂଜା କରାଯାଏ ନାହିଁ । ଏପରିକି କୌଣସି ସ୍ଥାନରେ ବି ତାଙ୍କର ମନ୍ଦିରଟିଏ ନାହିଁ । ଏହାଛଡ଼ା କୌଣସି ସ୍ଥାନରେ ତାଙ୍କର ମୂର୍ତ୍ତି ରଖି ପୂଜା ବି କରାଯାଏ ନାହିଁ । ତେବେ ଏକଥା ଅନେକ ହୁଏତ ଜାଣିନଥିବେ ପୁଷ୍କରରେ ଥିବା ବିଖ୍ୟାତ ମନ୍ଦିରରେ ବ୍ରହ୍ମାଙ୍କର ପୂଜା କରାଯାଇଥାଏ ।

ବ୍ରହ୍ମାଙ୍କର ଚାରିଟି ନୁହେଁ ପାଞ୍ଚଟି ମୁଣ୍ଡ ଥିଲା । ସେଥିମଧ୍ୟରୁ ଗୋଟିଏ ମୁଣ୍ଡକୁ ଦେବଦେବ ମହାଦେବ ଶିବ କାଟି ଦେଇଥିଲେ । ଶାସ୍ତ୍ର ଅନୁସାରେ, ବ୍ରହ୍ମା ଯେତେବେଳେ ସଂସାରର ରଚନା କରୁଥିଲେ ସେତେବେଳେ ସେ ଏକ ସୁନ୍ଦର ସ୍ତ୍ରୀଙ୍କୁ ସୃଷ୍ଟି କରିଥିଲେ, ଯେ କି ସତରୂପା ଥିଲେ । ସେ ଏତେ ସୁନ୍ଦର ଥିଲେ ଯେ ସ୍ୱୟଂ ବ୍ରହ୍ମା ମଧ୍ୟ ତାଙ୍କ ରୂପରେ ମୁଗ୍ଧ ହୋଇଯାଇଥିଲେ ।

ତେବେ ସତରୂପା ବ୍ରହ୍ମାଙ୍କ ହରକତରୁ ବର୍ତ୍ତିବା ପାଇଁ ଶତ ଚେଷ୍ଟା କରିଥିଲେ, ମାତ୍ର ସଫଳ ହୋଇନଥିଲେ । ସତରୂପା ନିଜକୁ ବଞ୍ଚାଇବା ପାଇଁ ଉପରକୁ ଚାହିଁବାରୁ ବ୍ରହ୍ମା ନିଜର ଏକ ମୁଣ୍ଡ ଉପର ଆଡ଼େ ବିକଶିତ କରିଦେଇଥିଲେ । ବ୍ରହ୍ମାଙ୍କର ଏହିସବୁ ହରକତ ଶିବ ଦେଖୁଥିଲେ । ଶିବଙ୍କ ଦୃଷ୍ଟିରେ ସତରୂପା ବ୍ରହ୍ମାଙ୍କର ଝିଅ ପରି । ତେଣୁ ଏହା ତାଙ୍କୁ ଘୋର ପାପ ଲାଗିଲା ଓ ସେ ବ୍ରହ୍ମାଙ୍କର ପଞ୍ଚମ ମୁଣ୍ଡକୁ କାଟିଦେଇଥିଲେ ।

ପୁରାଣ ଅନୁସାରେ, ଥରେ ବ୍ରହ୍ମା ଧରିତ୍ରୀକୁ ଏକ ପଦ୍ମ ଫୁଲ ପଠାଇଥିଲେ । ଫୁଲଟି ରାଜସ୍ଥାନର ପୁଷ୍କର ନାମକ ସ୍ଥାନରେ ପଡ଼ିଥିଲା । ପଦ୍ମର ଅଂଶ ପଡ଼ିବା କାରଣରୁ



ସେ ସ୍ଥାନରେ ଏକ ପୋଖରୀ ସୃଷ୍ଟି ହୋଇଥିଲା । ସେଠାରେ ଏକ ଯଜ୍ଞ କରିବା ପାଇଁ ସମସ୍ତ ଦେବାଦେବୀ ପହଞ୍ଚିଥିଲେ । ତେବେ ପରେ ବ୍ରହ୍ମା ଓ ତାଙ୍କ ମାତା ଗାୟତ୍ରୀ ପୃଥିବୀ ପୃଷ୍ଠରେ ଯଜ୍ଞସ୍ଥଳରେ ଏକତ୍ର ବସିଥିଲେ । ପୃଥିବୀ ଲୋକ ଯାଇଥିବା ଜାଣି ତାଙ୍କ ପତ୍ନୀ ସାବିତ୍ରୀ ଅଭିଶାପ ଦେଇଥିଲେ ଯେ ବ୍ରହ୍ମାଙ୍କର ପୂଜା ଧରିତ୍ରୀ ବକ୍ଷରେ କରାଯାଇ ପାରିବ ନାହିଁ । ମାତ୍ର ଅଭିଶାପ ଫେରସ୍ତ କରି ନେବାକୁ ସମସ୍ତ ଦେବାଦେବୀ ତାଙ୍କୁ ଅନୁରୋଧ କରିଥିଲେ । ଏହା ପରେ ସାବିତ୍ରୀ ଅଭିଶାପ ପ୍ରତ୍ୟାହାର କରିନେଇଥିଲେ ଓ ସାରା ଦୁନିଆରେ କେବଳ ପୁଷ୍କରରେ ହିଁ ବ୍ରହ୍ମାଙ୍କର ପୂଜା କରାଯାଇଥିଲା ।

ସକାଳୁ ପେଟ ଖାଲି ରଖିଲେ ଉପୁଜିଥାଏ ନାନା ସମସ୍ୟା: ଏହି ସବୁ ଖାଦ୍ୟ ଶରୀର ପାଇଁ ଭଲ

ଆମେ ଅଧିକାଂଶ ସମୟରେ ବ୍ୟସ୍ତତା ହେତୁ ସକାଳ ଜଳଖିଆ ପ୍ରତି ଟିକେ ଯତ୍ନଶୂନ୍ୟ ହୋଇପଡୁ। ମାତ୍ର ମନେରଖନ୍ତୁ ଦିନ ଭିତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସକାଳର ଖାଦ୍ୟ। ସକାଳୁ ପେଟ ପୂରା ଖାଇଲେ ହିଁ ଆପଣଙ୍କ ଶରୀର ସୁସ୍ଥ ରହିବ। ସକାଳୁ ଯଦି ଆପଣ କିଛି ଆଡୁସାଡୁ ଖାଦ୍ୟ ଖାଇ ଦଉଛନ୍ତି ତେବେ ଏହା ଆପଣଙ୍କ ହଜମ ପ୍ରକ୍ରିୟାକୁ ପ୍ରଭାବ ପକାଇବ ଓ ଯେଉଁ କାରଣରୁ ଆପଣଙ୍କୁ ନାନା ସମସ୍ୟାର ସାମ୍ନା କରିବାକୁ ହେବ।

ସକାଳ ଖାଇବାକୁ ନେଇ ଯତ୍ନବାନ ରହିଲେ ହଜମ ପ୍ରକ୍ରିୟା ଠିକ୍ ରହିଥାଏ, ଯାହାକି ବ୍ୟକ୍ତିକୁ ନିରୋଗ ରଖେ। ସକାଳୁ ଉଚିତ ଖାଦ୍ୟ ଖାଇଲେ ଶରୀରରେ ପିଏଚ୍ ସ୍ତର ନିୟନ୍ତ୍ରଣରେ ରହେ। ତେବେ ଚାଲନ୍ତୁ ଜାଣିବା ସକାଳୁ ସକାଳୁ କ'ଣ ସବୁ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ।

ସକାଳ ପାନୀୟ ଭାବରେ କେହି କେହି ଜୀରା ପାଣି, ପଇଡ଼ ପାଣି, ଚା ଆଦି ଗ୍ରହଣ କରିଥାନ୍ତି। ଆପଣ ସକାଳୁ ଅଳ୍ପ ଉଷୁମ ପାଣିରେ ମହୁ ମିଶାଇ ପିଅନ୍ତୁ। କେହି କେହି ଓଜନ ହ୍ରାସ ପାଇଁ ମଧ୍ୟ ମହୁ ଓ ଗରମ ପାଣି ପିଇଥାନ୍ତି।

ପାଚିଲା ଅମୃତଭଣ୍ଡା ସହ ଯଦି ଆପଣ ନିଜର ଦିନ ଆରମ୍ଭ କରୁଛନ୍ତି ତା'ହେଲେ ଖୁବ୍ ଭଲ କଥା। ଶରୀରକୁ ଶକ୍ତି ଯୋଗାଇଥାଏ ଏହି ଫଳ। ଏଥିରେ ଥିବା ଫାଇବର ଶରୀର ପାଇଁ ଖୁବ୍ ଉପକାରୀ।

ସକାଳୁ ଖାଲି ପେଟରେ ଭିଜା ଯାଇଥିବା ଆଲମଣ୍ଡ୍ ଖାଇବା ବି ଖୁବ୍ ଭଲ ହୋଇଥାଏ ଶରୀର ପାଇଁ। ଗାଜର, କଲରା, ଲାଉ ଆଦି ପରିବା ରସ ସକାଳୁ ଖାଇପାରିବେ। ଆପଣ ଚାହିଁଲେ ଅଁଳା ଓ ଆଲୋବେରା ରସ ବି ପିଇପାରିବେ।

ଯନ୍ତ୍ରଣାରୁ ମୁକ୍ତି ଦିଏ ସଙ୍ଗୀତ

ଏକ ନୂତନ ସର୍ବେକ୍ଷଣରୁ ଜଣାପଡ଼ିଛି, ସଂଗୀତ ଶୁଣିଲେ ସ୍ଥାୟୀ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ସର୍ବେକ୍ଷଣ ଅନୁଯାୟୀ ସଂଗୀତ ଶୁଣୁଥିବା ୧୦ଜଣଙ୍କ ମଧ୍ୟରୁ ଅତି କମରେ ୪ଜଣଙ୍କୁ ଦୀର୍ଘକାଳୀନ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। 'ଡେଲିମେଲ' ରିପୋର୍ଟ ଅନୁଯାୟୀ ଲାର୍ଯଡ଼ ଫାର୍ମାସୀ ଦ୍ୱାରା ଏହି ସର୍ବେକ୍ଷଣ କରାଯାଇଥିଲା। ଏଥିରୁ ୧୬ରୁ ୪୪ ଆୟୁ ବର୍ଗର ୬୬ ପ୍ରତିଶତ ଲୋକ ସଂଗୀତରୁ ଆରାମ ମିଳୁଥିବା କଥା ସ୍ୱୀକାର କରିଛନ୍ତି। ଏହି ସର୍ବେକ୍ଷଣରେ ୧୫୦୦ ଲୋକଙ୍କୁ ସାମିଲ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣରେ ସାମିଲ ଲୋକମାନଙ୍କ ମଧ୍ୟରେ ପପ ସଂଗୀତକୁ ସବୁଠାରୁ ଲୋକପ୍ରିୟ ଥିଲା। ପ୍ରାୟ ୨୧ ପ୍ରତିଶତ ଲୋକ ପପ ସଂଗୀତ ଶୁଣି ଯନ୍ତ୍ରଣାରୁ ମୁକ୍ତି ପାଇଥିବା ସ୍ୱୀକାର କରିଥିଲେ। ସେହିଭଳି ଶାସ୍ତ୍ରୀୟ ସଂଗୀତ ଶୁଣି ୧୭ ପ୍ରତିଶ ଲୋକଙ୍କର ଯନ୍ତ୍ରଣା ଲାଘବ ହୋଇଥିଲା। ସେହିଭଳି ୧୬ ପ୍ରତିଶତ ଲୋକ ରକ ବା ଇଣ୍ଡି ସଂଗୀତ ଶୁଣି ଯନ୍ତ୍ରଣାରୁ ମୁକ୍ତି ପାଇଥିଲେ। ଉଟାହ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେଭିଡ଼ ବ୍ରେଡଶା କହିଛନ୍ତି ଯନ୍ତ୍ରଣା ପାଉଥିବା ବ୍ୟକ୍ତି ନିଜକୁ କୌଣସି ନା କୌଣସି କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ରଖିବା ଉଚିତ୍।

ମଧୁମେହକୁ ନିୟନ୍ତ୍ରଣରେ ରଖେ ଏହି ପରିବା: ଦୈନିକ ଖାଇଲେ ମିଳିବ ଅନେକ ଫାଇଦା

ଆମ ଜୀବନଶୈଳୀ ହିଁ ଆମ ଶାରୀରିକ ସୁସ୍ଥତା ଓ ଅସୁସ୍ଥତାର କାରଣ ହୋଇଥାଏ। ଠିକ୍ ଭାବେ ଖାଦ୍ୟ, ପାନୀୟ ଗ୍ରହଣ କଲେ ଆଜିକାଲି ହେଉଥିବା ବିଭିନ୍ନ ପ୍ରକାରର ରୋଗକୁ କିଛି ମାତ୍ରାରେ ହ୍ରାସ କରାଯାଇପାରେ।

ମଧୁମେହ ଆଜିକାଲି ଏକ ସାଧାରଣ ରୋଗ ପାଲଟିଗଲାଣି। ପ୍ରାୟ ପ୍ରତି ଘରେ ଏହି ରୋଗୀ ଥିବାର ଦେଖିବାକୁ ମିଳୁଛି। ଏହି ରୋଗ ଥରେ ହେଲେ ଏହାର ସଂପୂର୍ଣ୍ଣ ଉପଶମ କଷ୍ଟକର, ମାତ୍ର ରୋଗକୁ ଆୟତ୍ତରେ ରଖାଯାଇପାରେ। ଉପଯୁକ୍ତ ବ୍ୟାୟାମ, ଖାଦ୍ୟ ଓ ନିୟମିତ ଔଷଧ ସେବନ କଲେ ଏହି ରୋଗକୁ ହରାଯାଇପାରେ।

ତେବେ ଆପଣ ଯଦି ଏହି ରୋଗକୁ ଆୟତ୍ତରେ ରଖିବାକୁ ଚାହାନ୍ତି ତେବେ ଆପଣଙ୍କୁ କିଛି କଥା ମାନିବାକୁ ପଡ଼ିବ। କିଛି ପରିବା ରହିଛି ଯାହାକି ମଧୁମେହ ରୋଗୀଙ୍କ ପାଇଁ ଖୁବ୍ ଲାଭପ୍ରଦ। କଲରା ବ୍ୟତୀତ ଆପଣଙ୍କ ପାଇଁ ଅନ୍ୟ କିଛି ଭଲ ପରିବା ହୋଇ ନ ଥାଏ। ଜାଣିରଖନ୍ତୁ ଯେ ମାତ୍ରାଧିକ କଲରା ଖାଇବା ଦ୍ୱାରା, କଲରା ଜୁସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ପରିମାଣକୁ ଆଶାତୀତ ଭାବେ କମ୍ କରାଯାଇପାରେ।

ଏହି ପିତା ପରିବାରେ ରହିଛି ପ୍ଲାଣ୍ଟ୍ ଇନ୍‌ସୁଲିନ୍ ପୋଲିପେପ୍‌ଟାଇଡ୍-ପି ତତ୍ତ୍ୱ। ଏହି ପରିବା ଖାଇବା ଦ୍ୱାରା ହାଇପରଗ୍ଲିସେମିଆ କମ ହେବା ସହ ରକ୍ତରେ ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖାଯାଇପାରେ।

ଆପଣ କଲାରାକୁ ଭଜା, ତରକାରି ଯେମିତି ବି ଖାଇପାରିବେ। ମାତ୍ର ମନେ ରଖନ୍ତୁ ଯଦି କଲରା ଜୁସ ବନାଉଛନ୍ତି ତେବେ ସେଥିରୁ ମଞ୍ଜି ନିଶ୍ଚୟ କାଢି ଦିଅନ୍ତୁ।

ଚାପ କମାଇବା ସହ ସୁଗାର ନିୟନ୍ତ୍ରଣ କରେ ପିଜୁଳି

ଅନେକ ଲୋକ ପିଜୁଳି ଖାଇବାକୁ ପସନ୍ଦ କରନ୍ତି । ପିଜୁଳି ସ୍ୱାଦ ସହିତ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏଥିରେ ଆଣ୍ଟି ଫଙ୍ଗଲ୍ ଏବଂ ଆଣ୍ଟିମାଇକ୍ରୋବାୟଲ୍ ଗୁଣ ରହିଥାଏ । ଏହା ସହିତ ଏଥିରେ ଭିଟାମିନ୍ ବି, ଭିଟାମିନ୍ କେ, ଭିଟାମିନ୍ ସି, ଫୋଲେଟ୍, ଆଇରନ୍, କ୍ୟାଲସିୟମ୍, ଫସଫରସ୍, ପୋଟାସିୟମ୍, ଜିଙ୍କ, କାର୍ବୋହାଇଡ୍ରେଟ୍ ଏବଂ ଡାଏଟାରୀ ଫାଇବର ଥାଏ । ପିଜୁଳିରେ ଭିଟାମିନ୍ ସି ଭରପୂର ରହିଥାଏ ଏବଂ ଏହା ଆପଣଙ୍କୁ ସାଧାରଣ ସଂକ୍ରମଣରୁ ରକ୍ଷା କରିବା ପାଇଁ କାର୍ଯ୍ୟ କରିଥାଏ । କମଳା ଅପେକ୍ଷା ପିଜୁଳିରେ ପ୍ରାୟ ୨ ଗୁଣ ଅଧିକ ଭିଟାମିନ୍ ମିଳିଥାଏ । ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ଶରୀରରେ ଖରାପ ଜୀବାଣୁ ମାରିବା ପାଇଁ କାମ କରିଥାଏ ।

କ୍ୟାନ୍ସର୍ ଆଶଙ୍କା ଦୂର କରିଥାଏ : ପିଜୁଳିରେ ଲାଇକୋପିନ୍ ଭରପୂର ରହିଥାଏ । ଏହା ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଯାହା ଆପଣଙ୍କ ଶରୀରରେ କର୍କଟ କୋଷକୁ ନିରପେକ୍ଷ କରିବାରେ ସାହାଯ୍ୟ କରିଥାଏ ଏବଂ ସେଗୁଡିକୁ କମ୍ ପ୍ରଭାବଶାଳୀ କରିଥାଏ ।

ହୃଦୟ ସୁସ୍ଥ ରଖିଥାଏ : ପିଜୁଳିରେ ଥିବା ସୋଡିୟମ୍ ଏବଂ ପୋଟାସିୟମର ଭରପୁର ମାତ୍ରା ଆପଣଙ୍କ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଯେଉଁମାନେ ହାଇ ବ୍ଲଡ୍ ସୁଗାରରେ ପିଡୀତ ସେମାନଙ୍କ ପାଇଁ ଏହା ବିଶେଷ ସହାୟକ ହୋଇଥାଏ । ଏଥିସହିତ ପିଜୁଳି ଗୁଡ୍ କୋଲେଷ୍ଟ୍ରଲକୁ ବଢିଇଥାଏ ।

ଚାପ ଦୂର କରେ : ପିଜୁଳିରେ ମ୍ୟାଗ୍ନେସିୟମ୍ ଭରପୂର ରହିଥାଏ । ଏହା ଆପଣଙ୍କ ମାଂସପେଶୀକୁ ଆରାମ ଦେଇଥାଏ ଏବଂ ଚାପକୁ ଦୂର କରିଥାଏ ।

କ୍ଷୀର ନୁହେଁ ଏଠି ଶିବ ଲିଙ୍ଗ ଉପରେ ଭକ୍ତ ଚଢାନ୍ତି ଜୀବନ୍ତ କଙ୍କଡା, ଆସନ୍ତୁ ଜାଣିବା କାହିଁକି

ଦେବ ଦେବ ମହାଦେବ। ଆଉ ଆଗକୁ ଆସୁଛି ମହାଶିବରାତ୍ରୀ। କୁହାଯାଏ ମହାଦେବଙ୍କୁ ସନ୍ତୁଷ୍ଟ କରେଇଲେ ସୁ ଫଳ ପ୍ରାପ୍ତି ହେଇଥାଏ । ଯାହା ପାଇଁ ପ୍ରତିଦିନ ଭକ୍ତ ଭଗବାନ ଶିବଙ୍କ ମନ୍ଦିରକୁ ଯାଇ ଜଳ ଅର୍ପଣ କରନ୍ତି। କ୍ଷୀର, ଫୁଲ, ମିଠା ଇତ୍ୟାଦି ଅର୍ପଣ କରିବା ସହିତ ଭଗବାନ ଶିବଙ୍କ ଆଶୀର୍ବାଦ ନିଅନ୍ତି । କିନ୍ତୁ ଭାରତରେ ଏପରି କିଛି ମନ୍ଦିର ଅଛି ଯାହା ବିଷୟରେ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ଗୁଜରାଟରେ ଏପରି ଏକ ଶିବ ମନ୍ଦିର ଅଛି, ଯେଉଁଠାରେ ଭକ୍ତମାନେ ଶିବଙ୍କ ଉପରେ କ୍ଷୀର ନୁହେଁ ବରଂ ଜୀବନ୍ତ କଙ୍କଡା ଅର୍ପଣ କରନ୍ତି। ଆପଣଙ୍କୁ ଏହି କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବା କିନ୍ତୁ ଏହି କଥା ସତ୍ୟ ତେବେ ଆସନ୍ତୁ ଜାଣିବା କାହିଁକି ଏଭଳି କରନ୍ତି ଭକ୍ତ ?

ଗୁଜୁରାଟର ସୁରଟ ଜିଲ୍ଲାର ଭକ୍ତମାନେ ଭଗବାନ ଶିବଙ୍କୁ ପୂଜା କରିବାର ଏକ ନିଆରା ଉପାୟ ଅବଲମ୍ବନ କରନ୍ତି । ଭଗବାନ ଶିବଙ୍କୁ ଉତ୍ସର୍ଗୀକୃତ ଏକ ମନ୍ଦିରରେ ଭକ୍ତଙ୍କ ପ୍ରାର୍ଥନା କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭିଡିଓରେ ଦର୍ଶାଯାଇଛି ଯେ ଭକ୍ତମାନେ ମନ୍ଦିରରେ ଶିବଲିଙ୍ଗ ଉପରେ ଜୀବନ୍ତ କଙ୍କଡା ରଖିଛନ୍ତି।ଏହି କ୍ଲିପ୍‌ରେ ଜଣେ ମହିଳା ମଧ୍ୟ ତାଙ୍କ ବ୍ୟାଗରୁ ଏକ ଜୀବନ୍ତ କଙ୍କଡା ବାହାର କରି ଭଗବାନଙ୍କ ନିକଟରେ ଉତ୍ସର୍ଗ କରୁଥିବା ନଜର ଆସିଛନ୍ତି। ଭିଡିଓ ଶେଷରେ, ଆପଣ ଦେଖିପାରିବେ ଯେ କିଛି ଲୋକ ହାତରେ ଜୀବନ୍ତ କଙ୍କଡା ଧରି କ୍ୟାମେରା ଆଡକୁ ଦେଖାଉଛନ୍ତି । ମନ୍ଦିରରେ ବହୁତ ଭିଡ଼ ଅଛି ଏବଂ ଲୋକମାନେ ଭକ୍ତି ସହିତ ଦର୍ଶନ ପାଇଁ ପହଞ୍ଚୁଛନ୍ତି । ପରବର୍ତ୍ତୀ ଟ୍ୱିଟ୍‌ରୁ ଜଣାପଡିଛି ଯେ ସୁରଟର ରାମନାଥ ଶିବ ଗେଲା ମନ୍ଦିରରେ ଭକ୍ତଙ୍କ ଦ୍ୱାରା ଦିଆଯାଇଥିବା କଙ୍କଡା ଗୁଡିକୁ ରୀତିନୀତି ପରେ ତାପି ନଦୀରେ ଛାଡି ଦିଆଯାଇଥିଲା। ଏଠାରେ, ଜଣେ ଭକ୍ତ ଫାଲଗୁନି ଜୀବନ୍ତ କଙ୍କଡା ରଖିବାର ପରମ୍ପରା ବିଷୟରେ କହିଥିଲେ ଯେ ଲୋକମାନେ ବିଶ୍ୱାସ କରନ୍ତି ଯେ ଯଦି ଆପଣ ଜୀବନ୍ତ କଙ୍କଡା ପ୍ରଦାନ କରନ୍ତି, ତେବେ କାନ ସମସ୍ୟାରୁ ଉପଶମ ହୋଇପାରିବ। ଅନ୍ୟ ଜଣେ ଭକ୍ତ କହିଛନ୍ତି, "ଜୀବନ୍ତ କଙ୍କଡା ଅର୍ପଣ କରିବାର ଅଭ୍ୟାସ ବର୍ଷକୁ ଥରେ କରାଯାଇଥାଏ। ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କୁ ଜୀବନ୍ତ କଙ୍କଡା ଅର୍ପଣ କରିଲେ ପିଲାମାନଙ୍କ ଠାରେ କୌଣସି କାନ କିମ୍ବା କାନ ସମ୍ବନ୍ଧୀୟ ସମସ୍ୟା ହୁଏ ନାହିଁ।"

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଖାଉଟି ବଜାର....

ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ଖାଉଟି ବଜାରରେ ଏବେ ଘଟିଚାଲିଛି । ଗତ ତିନି ସପ୍ତାହ ଧରି ଡାଲି, ଚାଉଳ, ତେଲ ଆଦି ରାସନ ସାମଗ୍ରୀ ଦର ଅହେତୁକ ଭାବେ ବଢ଼ି ଚାଲିଥିବା ବେଳେ ଆଳୁ, ପିଆଜ ସମେତ ପନିପରିବା ଦର ଖାଉଟିଙ୍କ ପକେଟ୍ ଉପରେ ପ୍ରହାର କରୁଛି । ବର୍ଷା ଦିନେ ସାଧାରଣତଃ ଜହ୍ନି, ସଜନା, କଲରା ପରି ଦେଶୀ ବା ବାଡ଼ି ପନିପରିବାର ଦର କମ୍ ରହେ । କିନ୍ତୁ ଚଳିତ ଥର ଅବିଶ୍ୱସନୀୟ ଭାବେ ଏହି ସବୁ ପରିବା ଦର ଏତେ ବଢ଼ିଛି ଯେ ଖୁଚୁରା ବଜାରରେ ବେପାରୀ ଆଉ କିଲୋ ପିଛା ଦାମ ନ କହି ଅଢ଼େଇଶହ ପିଛା ଦାମ କହୁଛନ୍ତି । ଖାଉଟି ବଜାରରେ ଆଳୁ କିଲୋ ପିଛା ୩୫ ଟଙ୍କା ଓ ପିଆଜ କିଲୋ ପିଛା ୪୫ ଟଙ୍କା ଥିବା ବେଳେ କେତେକ ସ୍ଥାନରେ ଦାମ ଆହୁରି ଅଧିକ ଦାମରେ ବିକ୍ରି ହେଉଥିବା ଖବର ମିଳୁଛି । ଗୃହିଣୀଙ୍କଠାରୁ ଆରମ୍ଭ କରି ହୋଟେଲ୍, ରାସ୍ତାକଡ଼ର ଉଠା ଦୋକାନୀ ପର୍ଯ୍ୟନ୍ତ ଆଳୁ, ପିଆଜ ଓ ପନିପରିବାରର ଏହି କ୍ରମବର୍ଦ୍ଧିଷ୍ଣୁ ଦରରେ ଅତିଷ୍ଠ ହୋଇପଡ଼ିଲେଣି । ଏକପକ୍ଷରେ ଖାଉଟିମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ବୃଦ୍ଧିରେ ଅତିଷ୍ଠ ହୋଇପଡ଼ିଥିବା ବେଳେ ଗତାନୁଗତିକ ଢଙ୍ଗରେ ସରକାରଙ୍କ ପକ୍ଷରୁ ଏହା ପଛରେ ଯୋଗାଣ-ଚାହିଦା ଅମେଳର କାରଣ ଦର୍ଶାଇ ନିଜ ଉପରୁ ଦୋଷ ଛଡ଼ାଇବାକୁ ପ୍ରୟାସ କରୁଛନ୍ତି । ଏହା ପ୍ରାୟ ସବୁ ସରକାର ଅମଳରେ ଏକ ଚିରାଚରିତ କଥା । କିନ୍ତୁ ବାସ୍ତବତା ହେଉଛି ଯେତେ ଯାହା କହିଲେ ବି ଶାସନ-ପ୍ରଶାସନ ଦରଦାମ ବୃଦ୍ଧି ନିୟନ୍ତ୍ରଣରେ ଯେ ବିଫଳ ଏହା ଅନସ୍ୱୀକାର୍ଯ୍ୟ । ବଜାର ଉପରେ ସତର୍କ ଦୃଷ୍ଟି ରଖିବାକୁ ସରକାରୀ କଳ ଯେଉଁମାନଙ୍କୁ ଦାୟିତ୍ୱ ଦେଇଛି, ସେମାନେ ଯଦି ସ୍ୱଚ୍ଛ, ନିଷ୍ଠାବାନ ଓ ସଚ୍ଚୋଟ ହୁଅନ୍ତେ ତେବେ ଏଭଳି ସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ । କିନ୍ତୁ ବାବୁ-ବ୍ୟବସାୟୀଙ୍କ ଅସାଧୁ ମେଣ୍ଟ ଯୋଗୁଁ ପ୍ରଶାସନ ଦେଖି ନ ଦେଖିବା ପରି ରହିଯାଏ ଏବଂ ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଖାଉଟିକୁ ଲୁଟିଚାଲନ୍ତି । ଏହି ଅସାଧୁ ମେଣ୍ଟର କାରସାଦୀ ରାସନ୍ ସାମଗ୍ରୀଠାରୁ ଆରମ୍ଭ କରି ଔଷଧ ବଜାର ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହାଛଡ଼ା ନିର୍ବାଚନ ପରେ ପରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଭାରତରେ ଏକ ଗତାନୁଗତିକ ପ୍ରକ୍ରିୟା ହୋଇଆସିଛି । ତେଣୁ ଏଥର ମଧ୍ୟ ନିର୍ବାଚନ ସରିବା ପରେ ବଜାର ଦର ଆହୁରି ମହଙ୍ଗା ହେବ ବୋଲି ଲୋକମୁଖରେ ଯାହା ଶୁଣାଯାଉଥିଲା ତାହା ଗୁଜବ କିମ୍ବା କପୋଳକଳ୍ପିତ ନୁହେଁ ବୋଲି ପ୍ରମାଣିତ ହୋଇଯାଇଛି । ପନିପରିବା, ଫଳମୂଳ ଓ ରାସନ୍ ସାମଗ୍ରୀର ଦର ବୃଦ୍ଧିରେ କେବଳ ଖାଉଟିମାନେ ଅତିଷ୍ଠ ହୁଅନ୍ତି ନାହିଁ, ଏହାର ପ୍ରଭାବ ସାମଗ୍ରିକ ଭାବେ ଅର୍ଥନୀତି ଉପରେ ମଧ୍ୟ ପଡ଼େ । ମୁଦ୍ରାସ୍ଫୀତି ପରିସଂଖ୍ୟାନରେ ଖାଦ୍ୟ ସାମଗ୍ରୀ ମୂଲ୍ୟସୂଚୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିବାରୁ ଡାଲି, ଚାଉଳ, ପନିପରିବା ଆଦିର ଦର ବୃଦ୍ଧି ଘଟିଲେ ଖାଉଟି ମୁଦ୍ରାସ୍ଫୀତି ଅଙ୍କ ବଢ଼େ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆରବିଆଇ ସୁଧ ହାର ବୃଦ୍ଧି କରେ, ଯାହାର ପ୍ରଭାବ ପୁଞ୍ଜି ନିବେଶ, ନିଯୁକ୍ତି ବଜାର, ଉତ୍ପାଦନ ଓ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରେ । ଏ ସବୁ ଜାଣି ମଧ୍ୟ ସରକାରଙ୍କ ପକ୍ଷରୁ ଖାଉଟି ସାମଗ୍ରୀର ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଯେଭଳି ପଦକ୍ଷେପ ନେବା କଥା ତାହା ଦେଖାଯାଉନାହିଁ । ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଭାରତ ବ୍ରାଣ୍ଡ ନାମରେ ଡାଲି, ଚାଉଳ ଓ ପିଆଜ ଆଦି ସୁଲଭ ମୂଲ୍ୟରେ ବିକ୍ରି କରି ଖାଉଟିଙ୍କୁ ଦରବୃଦ୍ଧିରୁ ଆଶ୍ୱସ୍ତି ଦେବା ପାଇଁ ଯେଉଁ ପ୍ରୟୋଗ କରିଥିଲେ ତାହା ଅସଫଳ ପ୍ରମାଣିତ ହେଲା । ସବୁ ଥର ପରି ପରିଶେଷରେ ଅସାଧୁ ବେପାରୀଙ୍କର ହିଁ ଲାଭ ହେଲା । ଏବେ ଓଡ଼ିଶା କଥା ଦେଖାଯାଉ । ଆଳୁ ଓ ପିଆଜ ଉତ୍ପାଦନରେ ଆମେ ଏ ପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହୋଇପାରିନାହୁଁ । ନିକଟ ଭବିଷ୍ୟତରେ ମଧ୍ୟ ଏହାର କୌଣସି ସମ୍ଭାବନା ଦେଖାଯାଉନାହିଁ । ତେଣୁ ମୁଖ୍ୟତଃ ଆଳୁ ପାଇଁ ପଶ୍ଚିମ ବଙ୍ଗ ଓ ପିଆଜ ପାଇଁ ମହାରାଷ୍ଟ୍ର ଉପରେ ଆମେ ସଦା ନିର୍ଭର କରି ଆସୁଛୁ । ଯଦି ସେଠାରେ ଉତ୍ପାଦନ କିମ୍ବା ଯୋଗାଣରେ ସାମାନ୍ୟତମ ବିଭ୍ରାଟ ଘଟେ ତେବେ ତାହାର ବହୁତ ବଡ଼ ପ୍ରଭାବ ଆମ ଖାଉଟି ବଜାର ଉପରେ ପଡୁଛି । ଏବେ ଆଳୁ ଓ ପିଆଜର ଯେଉଁ ଦର ବୃଦ୍ଧି ଘଟିଛି, ତାହା ପଛରେ ସରକାରଙ୍କ ଯୁକ୍ତି ହେଉଛି ପଶ୍ଚିମବଙ୍ଗରେ ଉତ୍ପାଦନ ହ୍ରାସ ପାଇଥିବାରୁ ଓଡ଼ିଶା ବଜାରରେ ଆଳୁ ମହଙ୍ଗା ହୋଇଛି । ସେହିପରି ଦେଶର ପିଆଜ ବଜାରକୁ ନିୟନ୍ତ୍ରିତ କରୁଥିବା ରାଜ୍ୟମାନଙ୍କରେ ପ୍ରବଳ ବର୍ଷା ଯୋଗୁଁ ଯୋଗାଣ ଓ ପରିବହନ ବାଧାପ୍ରାପ୍ତ ହୋଇଛି । ଆସନ୍ତା ନଭେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଖରିଫ୍ ଅମଳ ବଜାରକୁ ଆସିବାର ସମ୍ଭାବନା ନାହିଁ । ତେଣୁ ରବି ଋତୁରେ ଅମଳ ହୋଇ ଶୀତଳଭଣ୍ଡାରରେ ଥିବା ପିଆଜ ଏବେ ବଜାରକୁ ଆସୁଛି । ଚାହିଦା ତୁଳନାରେ ଯୋଗାଣ ହ୍ରାସ ପାଇଥିବାରୁ ପିଆଜ ଦର ଆକାଶଛୁଆଁ ହୋଇଛି । କିନ୍ତୁ ବାସ୍ତବତା ହେଲା ଏ ପର୍ଯ୍ୟନ୍ତ ମୌସୁମୀର ପ୍ରକୋପ ପିଆଜ ଉତ୍ପାଦନ କରୁଥିବା ରାଜ୍ୟମାନଙ୍କରେ ଦେଖିବାକୁ ମିଳିନାହିଁ । ସେହିପରି ପଶ୍ଚିମବଙ୍ଗରେ ଏହି ସମୟ ଆଳୁ ଅମଳ ହୋଇ ଶୀତଳଭଣ୍ଡାରକୁ ଯାଇସାରିଥାଏ । ତେଣୁ ଦର ବୃଦ୍ଧି ପଛରେ ଯେ ଉତ୍ପାଦନ ଓ ଯୋଗାଣ ହ୍ରାସ ପରି କାରକ ରହିଛି ତାହା ଆଦୌ ଗ୍ରହଣୀୟ ହୋଇପାରୁନାହିଁ । ସମ୍ଭବତଃ ବେଆଇନ ମହଜୁଦକାରୀ ଓ କଳାବଜାରୀ ଗୋଷ୍ଠୀ ପ୍ରଶାସନିକ ଦୁର୍ବଳତା ଓ ସଂରକ୍ଷଣ ପାଇ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି । ଯଦି କେତେକ ବଜାର ବିଶେଷଜ୍ଞଙ୍କ ମତକୁ ଗ୍ରହଣ କରାଯାଏ ତେବେ ଦର ବୃଦ୍ଧି ପଛରେ ଆଉ ଏକ କାରଣ ନିହିତ । ତାହା ହେଉଛି ସଦ୍ୟ ସମାପ୍ତ ନିର୍ବାଚନରେ ବୃହତ୍ ପାଇକାରୀ ବ୍ୟବସାୟୀ, ମହଜୁଦକାରୀ ଓ ଉତ୍ପାଦନକାରୀ ଯେଉଁ ବିପୁଳ ନିର୍ବାଚନୀ ଚାନ୍ଦା ଦେବାକୁ ବାଧ୍ୟ ହୋଇଥିଲେ ତାହା ଏବେ ସେମାନେ ଖାଉଟି ବଜାରରୁ ଅସୁଲ କରୁଛନ୍ତି ।

ଜଗା ଯାଇଅଛି ମାଉସୀ ଘର

ଲୀଳାବତୀ ପରିଡ଼ା

ଶ୍ରୀ ମନ୍ଦିର ଛାଡ଼ି ଭାଇ ଭଗ୍ନୀ ସାଥେ
ଜଗା ଯାଇଅଛି ମାଉସୀ ଘର,
ମହାପ୍ରସାଦ କି ଲାଗିଲା ଅରୁଚି
ଖାଇବ ସେଠାରେ ଲବଣୀ ସର ।
ଲକ୍ଷ୍ମୀ ସାଆନ୍ତାଣୀ ହାତ ରନ୍ଧା ଅବା
ଜଗାକୁ ଲାଗିଲା ନାହିଁଟି ଭଲ
ମାଉସୀ ହାତର ପୋଡ଼ ପିଠା ଖିଆ
ମନେ ପଡ଼ିବାରୁ ଯାତରା କଲ ।
ମନେ ପଡ଼ିଲା କି ସୁଦାମା ସୁବଳ
ସାଥେ ଖେଳିବାକୁ ଦାଣ୍ଡ ରେ ଖେଳ
ଠେଲା ପେଲା ଖାଇ ଭକତ ମାନଙ୍କୁ
କୋଳେଇ ନେବାକୁ
ଖୋଜିଲ ବେଳ ।
ସାଲବେଗ ଅବା ଭକତ ଦାସିଆ
ବଳରାମ ଦାସ ପଡିଲେ ମନେ
ପତିତପାବନ ଆସିଅଛି ପରା
ତାରିବା ପାଇଁ କି ପାତକୀ ଜନେ ।

+କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୮୬୧୯୪୫୬୨୬

ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ

ତପନ କୁମାର ପାଲ

ବିଶ୍ୱ ଦେଖିଲା ଚଳିତ ବର୍ଷର ବିରଳ ଉଦାହରଣ । ଭକ୍ତଙ୍କୁ ଝୁରିଲା ବଡ଼ଦାଣ୍ଡ । ମହାପ୍ରଭୁ ଶ୍ରୀଜଗନ୍ନାଥ ବାଇଶ ପାହାଚରୁ ଓହ୍ଲାଉ ଥିଲେ ସେତେବେଳେ ହାତ ଉପରକୁ ଉଠାଇ ସମର୍ପର ମୁଦ୍ରାରେ ଜୟଜଗନ୍ନାଥ ଜୟ ଜଗନ୍ନାଥ ଡାକି ବଡ଼ଦାଣ୍ଡ ଥରାଇ ଦେବାକୁ ଲକ୍ଷ ଲକ୍ଷ ଭକ୍ତ ନଥିଲେ । ଆଉ ଯେତେବେଳେ ମହାପ୍ରଭୁ ଶ୍ରୀମନ୍ଦିର ଗୁମୁଟ ଭିତରୁ ଟିକିଏ ଟେକି ହୋଇ ଚାହୁଁଥିଲେ ସେତେବେଳେ ଭକ୍ତଙ୍କର ଯେଉଁ ଅଦ୍ଭୁତ ପୂର୍ବ ପ୍ରତିକ୍ରିୟା ତାହା ଚଳିତ ରଥଯାତ୍ରାରେ ଦେଖିବାକୁ ମିଳିନଥିଲା । ସମଗ୍ର ବିଶ୍ୱବାସୀଙ୍କ ପାଇଁ ଚଳିତ ରଥଯାତ୍ରା ଏକ ବିରଳ ଉଦାହରଣ ସୃଷ୍ଟି କଲା । ମହାପ୍ରଭୁ ମାଉସୀମା ଘରେ ରହୁଥିବା ସମୟରେ ଯେଉଁ ସ୍ୱତନ୍ତ୍ର ଦର୍ଶନ ଦେଇଥାନ୍ତି ତାହା ହେଉଛି ଆଡ଼ପ ଦର୍ଶନ । ଚଳିତ ବର୍ଷ କରୋନା ପରିସ୍ଥିତି ପାଇଁ ଆଡ଼ପ ମଣ୍ଡପରେ ସଂଧ୍ୟା ଦର୍ଶନ ସମସ୍ତଙ୍କ ପାଇଁ ସୁଲଭ ନହୋଇପାରେ । କରୋନାର ସଂକ୍ରମଣ ଭକ୍ତ ଓ ଭଗବକାନଙ୍କ ଦୂରତ୍ୱକୁ ବଢ଼ାଇ ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀ ବିଗ୍ରହ ବିରାଜିତ ହୋଇଥିବା ସମୟରେ ଆଷାଢ଼ ଶୁକ୍ଳ ନବମୀ ତିଥି ଏକ ବିଶେଷ ତିଥି । ତେବେ ଆଡ଼ପ ସନ୍ଧ୍ୟା ଦର୍ଶନରେ ପୁଣ୍ୟ ଫଳ ପ୍ରାପ୍ତି ବିଷୟରେ ଶାସ୍ତ୍ରରେ ଉଲ୍ଲେଖ ରହିଛି । ସନ୍ଧ୍ୟା ସମୟ ଦେବ ଆରାଧନା, ଦେବଦର୍ଶନ ଓ ସାଧନା ପାଇଁ ପ୍ରକୃଷ୍ଟ ସମୟ ବୋଲି ଉଲ୍ଲେଖ ରହି ଶାସ୍ତ୍ରରେ ଲେଖାଯାଇଛି - 'ନ ଦିବା ପୂଜୟେତ୍ ଦେବଂ ନକ୍ତଂ ନୈବ ଚ ନୈବ ଚ, ସର୍ବଦା ପୂଜୟେତ୍ ଦେବଂ ଦିବାନକ୍ତଂ ବିବର୍ଜୟେତ୍ ।' ରଥଯାତ୍ରାରେ ଆଡ଼ପ ମଣ୍ଡପରେ ଶେଷ ଦର୍ଶନର ସୁଯୋଗ ଏଇ ସନ୍ଧ୍ୟା ଦର୍ଶନ । ସନ୍ଧ୍ୟା ଶବ୍ଦର ଅନ୍ୟ ଏକ ଏବଂ ବାସ୍ତବ ଅର୍ଥ ହେଉଛି ସମ୍ୟକ ଧ୍ୟାନ । ସନ୍ଧ୍ୟାଦର୍ଶନ ହେଉଛି ସମ୍ୟକ ଧ୍ୟାନ ଦ୍ୱାରା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ସେହି ଅନନ୍ତ ଫଳପ୍ରାପ୍ତି ହୁଏ ।

ଲୋକେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗଲାବେଳେ ସାଧାରଣତଃ ବହୁ ଆର୍ତ୍ତନେଇ ଯାଇଥାନ୍ତି । କେହି କେହି ଅର୍ଥାର୍ଥୀ ଭାବେ ଶ୍ରୀଜଗନ୍ନାଥଙ୍କୁ ଆରାଧନା କରିଥାନ୍ତି । ମାତ୍ର ଜିଜ୍ଞାସୁ ଏବଂ ଜ୍ଞାନୀମାନଙ୍କର ଭକ୍ତି ବିଶେଷ ଧରଣର । ଶ୍ରୀଭଗବାନ ନିଜେ ଗୀତାରେ କହିଛନ୍ତି 'ତେଷାଂ ଜ୍ଞାନୀ ନିତ୍ୟଯୁକ୍ତଃ ଏକ ଭକ୍ତିର୍ବିଶିଷ୍ୟତେ । ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସଚ ମମ ପ୍ରିୟଃ ।' ଏକଥା ମଧ୍ୟ ସତ ଯେ ଆଡ଼ପ ମଣ୍ଡପରେ ଦିବସ ଦର୍ଶନ ତୁଳନାରେ ସନ୍ଧ୍ୟାରେ ଦର୍ଶନ କଲେ ଅନେକ ପୁଣ୍ୟ । ସନ୍ଧ୍ୟା ଦର୍ଶନର ଆଉ ଏକ ମହତ୍ୱ ଶ୍ରୀଜିଉଙ୍କ ଦର୍ଶଗନ, ବ୍ରାହ୍ମଣମାନଙ୍କୁ ମହାପ୍ରସାଦ ଭୋଜନ ଓ ନିଜ ପରିବାର ଜ୍ଞାତି କୁଟୁମ୍ବ ପରିଜନ ଏକାଠି ବସି ଏକପତ୍ରେ ଭୋଜନ ଯେପରି ସୁଖକର, ତଦୂର୍ଦ୍ଧ ପୁଣ୍ୟ ଫଳ ପ୍ରାପ୍ତି ଏବଂ ସପ୍ତପୁରୁଷ ଉଦ୍ଧାର ହେଉଥିବା ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେଣୁ ପ୍ରତ୍ୟେକ ବର୍ଷ ଏହି ଦିନଟିରେ ଆଡ଼ପ ମଣ୍ଡପ ଅତ୍ୟନ୍ତ ପବିତ୍ର ପୁଣ୍ୟପ୍ରଦ । ଯଥାର୍ଥରେ କୁହାଯାଇଛି 'ନୀଳାଦ୍ରୌ ତୁ ସହସ୍ରାଣି ଆଡ଼ପ ମଣ୍ଡପେ ଦିନେ' । ଅର୍ଥାତ୍ ନୀଳାଦ୍ରିରେ ହଜାର ଦିନ ଦର୍ଶନରେ ଯେଉଁ ପୁଣ୍ୟ ହୋଇଥାଏ, ତାହା ସମ୍ଭବ ହୋଇଥାଏ ଆଡ଼ପ ମଣ୍ଡପର ଗୋଟିଏ ଦିନ ଦର୍ଶନରେ । ରାମାନନ୍ଦ ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କୁ ରାମ ରୂପରେ ଏହି ନବମୀ ସନ୍ଧ୍ୟାରେ ଦର୍ଶନ କରିଥିଲେ । ପୁନଶ୍ଚ ଶ୍ରୀଜିଉଙ୍କ ଆଡ଼ପ ଅବସ୍ଥାନର ଶେଷ ତିନି ଦିନ ସପ୍ତମୀ, ଅଷ୍ଟମୀ ଓ ନବମୀରେ ଅନୁଷ୍ଠିତ ହୋଇଥାଏ ରାସ । କାର୍ତ୍ତିକ ମାସରେ ଶରତ ରାସ, ଫାଲଗୁନ ମାସରେ ବସନ୍ତ ରାସ ଓ ଆଷାଢ଼ ମାସରେ ଏକ ପ୍ରାବୃଟ ରାସ ଅନୁଷ୍ଠିତ ହୋଇଥାଏ । ଏଥିରେ ମହାପ୍ରଭୁଙ୍କ ପ୍ରତିନିଧି, ଉତ୍ସବ ଠାକୁର ମଦନମୋହନ ବିଜେ ହୋଇ ଜଗମୋହନ ରାସ ପିଣ୍ଡିକୁ ଆସିଥାନ୍ତି । ସେଠାରେ ଶ୍ରୀଜିଉଙ୍କ ନିକଟରେ ରାସ ପଞ୍ଚାଧ୍ୟୟ ପାଠ ସହ ମହାପ୍ରଭୁଙ୍କୁ କୋରାଭୋଗ ଓ ବନ୍ଦାପନା କରାଯାଏ । ଏହି ରାସ ନବଦିନ ବ୍ରତଧାରୀଙ୍କ ସମେତ ଭକ୍ତ ସମୂହଙ୍କୁ ଭକ୍ତିରସରେ ଆହ୍ଲାଦିତ କରିଥାଏ ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

ଜୀବନପଥ.... ବଡ଼ଦାଣ୍ଡ

ବିପିନ ବିହାରୀ ରାଉତ

ଜୀବନପଥ ହେଉଛି ବଡ଼ଦାଣ୍ଡ । ଶ୍ରୀମନ୍ଦିରର ସିଂହଦ୍ୱାରରୁ ଆରମ୍ଭ, ଶ୍ରୀଗୁଣ୍ଡିଚା ମନ୍ଦିର ପାଖରେ ସମାପ୍ତ । ବଡ଼ଦାଣ୍ଡର ଆରମ୍ଭ ସ୍ଥାନ ନୀଳାଚଳ ନାମରେ ବି ପ୍ରସିଦ୍ଧ । ଏଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼କୁ ଗଲେ ପ୍ରଥମେ ଭେଟିବାକୁ ହୁଏ ଏମାରମଠ ଚକଡ଼ାକୁ । ଅବଶ୍ୟ ଏହା ଏବେକାର ନାମ । ଏହା ଥିଲା ଅନ୍ନଛତ୍ର ମଣ୍ଡପ । ଯଦିଓ ରୂପାନ୍ତରଣ ପ୍ରକଳ୍ପ ଅନ୍ତର୍ଭୁକ୍ତ ହୋଇ ଏବେ ଏମାରମଠ ଆଉ ନାହିଁ । କିନ୍ତୁ ଯେଉଁଠି ଶ୍ରୀଦାରୁ ବ୍ରହ୍ମଙ୍କର ଶ୍ରୀଅନ୍ନବ୍ରହ୍ମ ବିତରିତ ହେଉଥିଲା, ସାଧୁ, ସନ୍ନ୍ୟାସୀ, ଦୁଃଖୀ, ରଙ୍କି ତଥା ଭୋକିଲା ପେଟରେ ଆଉଟୁ ପାଉଟୁ ହେଉଥିବା ଜୀବବ୍ରହ୍ମ ମାନଙ୍କୁ । ମଧ୍ୟପ୍ରଦେଶର ରିମାର ରାଜା ଶ୍ରୀରଘୁରାଜ ସିଂ ଯେ ବ୍ୟବସ୍ଥା କରିଥିଲେ ଏହି ସ୍ଥାନଟିକୁ ଖରିଦ କରି । ସେ ହିଁ ଗଢ଼େଇଥିଲେ ସୁଉଚ୍ଚ ମଣ୍ଡପଟିଏ ।

ମଠଟିଏ ବି ବସେଇଥିଲେ ରିମାର ପ୍ରାଚୀନ ମାନ ଅହିଛତ୍ର ନାମରେ । ଏହି ଅହିଛତ୍ର ବର୍ତ୍ତମାନର ବରେଲୀ ଜିଲ୍ଲା । କାଳକ୍ରମେ ଏହି ଦାୟିତ୍ୱ ଖଞ୍ଜି ଦେଇଥିଲେ ଏମାର ମଠ ମାର୍ଫତରେ । ସେବେଠୁ ରିମା ମଣ୍ଡପ ଲୋକମୁଖର ପ୍ରସିଦ୍ଧ ହୋଇଯାଇଛି ଏମାର ମଠ ଚକଡ଼ା ନାମରେ । ମାଧୁର୍ଯ୍ୟମୟରୁ ବାହାରିଲେ ଜାଣତରେ ହେଉକି ଅଜାଣତରେ ହେଉ ପ୍ରଥମେ ଭେଟିବାକୁ ହେଉଥିଲା ଜୀବବ୍ରହ୍ମମାନଙ୍କୁ । ଯେଉଁଠି ଅନ୍ନବ୍ରହ୍ମରେ ଶାନ୍ତି ପାଆନ୍ତି ସେମାନେ । ମହମହ ମହାପ୍ରସାଦର ବାସ୍ନା ତନୟ ଚେତନାକୁ ନିର୍ବିକାର କରିଦିଏ । ସେଇଠୁ ସେଇ ମୁହୂର୍ତ୍ତକରୁ । ତାପରେ ବଡ଼ଦାଣ୍ଡରେ ଆଗେଇଲେ ବାମପଟେ ଦେବୀ ଚର୍ଚ୍ଚିକା ଓ ଡାହାଣ ପଟେ ଦେବୀ ମର୍ଚ୍ଚିକାଙ୍କ ମନ୍ଦିର । ମଝିରେ ରଥଖଳା । ମହାପ୍ରଭୁଙ୍କ ଆଜ୍ଞାରେ ଏଇଠି ନିର୍ମାଣ ହୁଏ ରଥ । ଆଉ ଟିକେ ମରିଚିକୋଟରୁ ଆଗେଇଲେ ବାମପଟେ ବିରାଜମାନ କରିଛି ହଜାର ବର୍ଷର ଏକ ଅଭୁଲା ସ୍ମାରକୀ । ବିଜେ କରିଛନ୍ତି ଶ୍ରୀ ଶୁଭଲକ୍ଷ୍ମୀ ନାରାୟଣଦେବ । ବର୍ତ୍ତମାନର ପରିଦୃଶ୍ୟମାନ ଶ୍ରୀମନ୍ଦିର ଅର୍ଥାତ୍ ଯେଉଁ ମନ୍ଦିରକୁ ମହାପ୍ରଭୁଙ୍କର ଅଷ୍ଟମ ମନ୍ଦିର ବୋଲି ଶାସ୍ତ୍ରୀୟ ଦୃଷ୍ଟିରୁ ବିଚାର କରାଯାଏ, ସେହି ମନ୍ଦିରର ପୂର୍ଣ୍ଣ ନିର୍ମାଣ ସମୟର । ସମ୍ରାଟ ଅନଙ୍ଗଭୀମଦେବ ଶ୍ରୀମନ୍ଦିର ନିର୍ମାଣ ଶେଷ ବେଳକୁ ବିଘ୍ନ ବିନାଶନ ପାଇଁ ଯାଙ୍କୁ ପ୍ରତିଷ୍ଠା କରି ଯଜ୍ଞ କରିଥିଲେ । ସେହିଦିନୁ ଯାଙ୍କ ନାମ ହୋଇଗଲା ଶ୍ରୀଶୁଭଲକ୍ଷ୍ମୀ ନାରାୟଣ ଦେବ । କୋଳରେ ମା'ଲକ୍ଷ୍ମୀ ଥାଇ ବଡ଼ କମନୀୟ ମୂର୍ତ୍ତି । ନିର୍ବିଘ୍ନରେ ନିର୍ମାଣ ସମ୍ପୂର୍ଣ୍ଣ ହେବା ସହିତ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ଏଠାରେ ଗଢ଼ି ଉଠିଥିଲା ଶ୍ରୀନାରାୟଣ ଛତାମଠ । ବଡ଼ଦାଣ୍ଡର ଏହି ସ୍ଥାନ ଏକ ପବିତ୍ର ଯଜ୍ଞସ୍ଥାନ । ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଅବସରରେ ମନେପଡୁଛି ଭକ୍ତକବି ସାଲବେଗଙ୍କର ଗୋଟିଏ ପ୍ରସିଦ୍ଧ ଭଜନର ପଂକ୍ତି 'ପ୍ରବେଶ ହୋଇଲ ବଡ଼ ଦାଣ୍ଡ, ଚରଣ ଧୂଳିରେ ପୂରିଲା ତୁଣ୍ଡ ।' ଏହା ସୂଚାଏ, ଯେ ସେ ଦିନର ଅର୍ଥାତ୍ ସପ୍ତଦଶ ଶତାବ୍ଦୀର ବଡ଼ଦାଣ୍ଡରେ ପହଣ୍ଡି ବେଳେ ଧୂଳି ଉଡୁଥିଲା । ସେ ଧୂଳି ତୁଣ୍ଡରେ ପାଇ ଭକ୍ତ ଆନନ୍ଦିତ ହେଉଥିଲେ । ପ୍ରସିଦ୍ଧ ଭଜନ 'ଥକାମନ ଚାଲଯିବା'ରେ ସାରିଆ ଭିକ ମଧ୍ୟ କହିଛନ୍ତି, 'ପହଞ୍ଚିବା ବଡ଼ ଦାଣ୍ଡେ, ସେ ରେଣୁ ପାଇବା ତୁଣ୍ଡେ ।'

+ତୁଳସୀପୁର କଟକ

ବାଲେଶ୍ୱର ରୋଟାରୀ କ୍ଲବ ବାଲେଶ୍ୱରବାସୀଙ୍କ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି

ସୁବ୍ରତ କର

ଆର୍ନ୍ତଜାତିକ ନିୟମାନୁସାରେ ବାଲେଶ୍ୱର ରୋଟାରୀ କ୍ଲବର ସଭାପତି ହିସାବରେ ୨୦୨୪-୨୫ ପାଇଁ ରୋଟାରୀଆନ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ,ଚାଟାର୍ଡ଼ ଏକାଉଟେଂଟ ରୋଟାରୀଆନ ପ୍ରଦୀପ୍ତ କୁମାର ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରଦୀପ୍ତ ପଣ୍ଡାଙ୍କ ବର୍ଷ (୨୦୨୩-୨୪) ସମସ୍ତଙ

ଏମିତି ଲେଖିଲ କିଆଁ
ଝରଣା ବାରିକ

କାଚ ଘର ଟିଏ ତୋଳିଥିଲି ମୁହିଁ
ପଥରଟେ ଫିଙ୍ଗି ଦେଲ
ପତର ଉହାଡେ ବସା ବାନ୍ଧି ଥିଲି
ନିଆଁ ତୁମେ ଲଗେଇଲ।

କା*ନ ପରିକା ସ୍ୱଚ୍ଛ ମନଟିରେ
କଳଙ୍କର ଟିକା ଦେଲ,
ବାସ୍ନା ଭରିଥିଲା ଯେଉଁ ଫୁଲଟିରେ
ଗଛରୁ ଛିଡେଇ ନେଲ।

ଉଡ଼ିବା ପକ୍ଷୀର ଡେଣା କାଟି ଦେଇ
ପଞ୍ଜୁରୀରେ କଲ ବନ୍ଦୀ,
କାହାକୁ କହିବି କିଏ ବା ଶୁଣିବ
ଭାଗ୍ୟ କୁ କହୁଛି ନିନ୍ଦୀ।

ତୁମ ପାଇଁ ନିତି ଦୀପ ଜାଳୁଥିଲି
କରୁଥିଲି କେତେ ଓଷା,
ଦଇବ ସାଜିଲା ବଇରୀ ମୋ ପାଇଁ
ହେଲି କେତେ ଲୋକ ହସା।

କୂଳର ପ୍ରଦୀପ ସନ୍ତାନଟିଏ ମୁଁ
ଦେଇ ପାରିଲିନି ବୋଲି,
ଦ୍ୱିତୀୟ ବିବାହ କରି ଦେଲ ତୁମେ
ହୃଦୟରୁ ତୁମ ଠେଲି।

ନିଇତି ଜଳୁଛି କୁହୁଳି କୁହୁଳି
ଲୁହରେ ଲିଭାଏ ନିଆଁ,
ନାରୀ ଜୀବନ ମୋ
ସାର୍ଥକ ନ ହେଲା
ଏମିତି ଲେଖିଲ କିଆଁ ।

ସମଲ, ତାଳଚେର, ଅନୁଗୋଳ

ଅବିରାମ ଅନ୍ୱେଷଣ
ଆନନ୍ଦ କୁମାର ମାଇତି

କେଉଁ ନିଃସଂଗ ନିର୍ଜନ ରେ ଆତ୍ମ
ଗୋପନ କରିଛ ପ୍ରିୟେ
କାହିଁକି ହଜିଯାଏ ମୋ ଠୁ
କବିତାର ପାଗେଳୀ
ଆତ୍ମୀୟ ମାଦକତା !

ଗୋଟେଇ ନେଉଥିବା
ଆଞ୍ଜୁଳ ଭର୍ତ୍ତି ଶବ୍ଦ ଫଳ
କାହିଁ ଯେ ଉଭାନ୍ ହୁଏ ବାରଂବାର
ସଯତ୍ନରେ ସାଇତିଲା ପରେ
ହଜାରବାର୍ !

ଆଜି ଶବ୍ଦ ନେପଥ୍ୟ ସହରେ
ମୋର ଅଭିଳାଷର ଗ୍ଲାନି
କେବେ କାବ୍ୟ ଶିରୋତ୍ରାଣକୁ ତ
କେବେ ବାକ୍ୟ ମହଲକୁ
କୋରି ଖାଉଥାଏ
ପ୍ରତି ନିୟତ ସଫେଦ୍ ସମତଳର
ଅପେକ୍ଷା
ବାଘ ବନ୍ଧି ନିୟମରେ ବନ୍ଧି
କବିତା ଶରୀର।

ହେ ମହିୟସୀ !
ମୋର ପ୍ରତି ବିମୁଖ ବିଳାସୀ
ଜାଣିଛ ସବୁ ଶେଷ ହୋଇନି
ପ୍ରାନ୍ତରେ
ସର୍ଜନାର ନିରର୍ଥକତା ଶବ୍ଦହୀନ ଠୁ
ଅର୍ଥବହ ହୁଏ ମାତ୍ର
ତେବେବି ନିଜ ତହବିଲ ରେ ସବୁ
ଅପାରଗତା କୁ ସାଇତି
ମୁଁ ଲଗାତର ହେଉଛି ଦଗ୍ଧ।

ଏରସମା, ଜଗତସିଂହପୁର

କିଛି ସମୟ ତ ମୋତେ ଦେ
ବାଉରିବନ୍ଧୁ ଲେଙ୍କା

କେତେବେଳେ ମୁଁ ତ,
କେତେବେଳେ ସିଏ
ରାଗରେ ତମ ତମ ।
ସବୁ ପୃଷ୍ଠାକୁ ପଢିବା ସମ୍ଭବ ନୁହେଁ
ଏମିତି କଟି ଚାଲିଛି ଏ ଜୀବନ ?

ଅତିକ୍ରାନ୍ତ ହୋଇଛି ସେ ସମୟ ସବୁ,
ଯେତେବେଳେ କିଛି ଶୁଣିଥିଲି ଆଉ
କିଛି କହି ବି ଥିଲି ।
ଏମିତି ଶୁଣିବା ଆଉ କହିବାରେ
ବାଣ୍ଟି ହୋଇ ଯାଇଛି ଏ ଜୀବନ ?

କିଛି ଖୁସି ଥିଲା କିଛି ଦୁଃଖ ବି
ଓଠରେ କିଛି ହସ ଥିଲା ଆଉ
ଆଖିରେ କିଛି ଲୁହ ବି,
କେବେ ଧାଇଁଛି ତ କେବେ ସ୍ଥିର
ଠିକ୍ ବରଫ ଜମାଟ ବାନ୍ଧିଲା ପରି,
ଏମିତି ବିତି ଚାଲିଛି ଏ ଜୀବନ ?

ଏବେ ତ ଶେଷ ପ୍ରହର,
ସ୍ଥିର ହୋଇ ଯା ତୁ
ଟିକେ ଜିଇବାକୁ ଦେ ମୋତେ
ମୋ ଇଚ୍ଛା ଅନୁସାରେ,
ଜିଇବାକୁ ଚାହୁଁଛି ମୁଁ
ମୋ ଖୁସିମାନଙ୍କ ମେଳରେ
କିଛି ସମୟ ପାଇଁ,
ତୁ ଏବେ ଆସନାରେ ମୃତ୍ୟୁ,
କିଛି ସମୟ ତ ମୋତେ ଦେ ?
ଞ୍ଜଞ୍ଜଞ୍ଜଞ୍ଜଞ୍ଜ

ଦ ପର୍ଲ ରେସିଡେନ୍ସି, ଦୁର୍ଗାମାଧବ
ନଗର, ଭୁବନେଶ୍ୱର ,
(ମୋ) ୯୮୫୩୫୩୫୮୪୪

ତୁମେ...
ପ୍ରତ୍ୟୁଷ କୁମାର ପଣ୍ଡା

ତୁମେ ସୂର୍ଯ୍ୟଙ୍କ ପରି ତେଜସ୍ୱୀ
ତୁମେ ଶଶି ପରି ଶୀତଳ,
ତୁମେ ପଥର ପରି କଠୋର
ତୁମେ ପଦ୍ମ ପରି କୋମଳ ।।

ତୁମେ ଦୁନିଆ ସାମ୍ନା ରେ ସବଳ
ତୁମେ ନିଜ ସମ୍ମୁଖ ରେ ଦୁର୍ବଳ,
ତୁମେ ସମୁଦ୍ର ପରି ଶାନ୍ତ
ତୁମେ ଢେଉ ପରି ନିଶ୍ଚଳ ।।

ତୁମେ ଏକ ପ୍ରଶ୍ନ ବାଚକ ଚିହ୍ନ
ତୁମେ ଉତ୍ତର ଅନ୍ତେ ପୂର୍ଣ୍ଣଛେଦ,
ତୁମେ ଅନିଦ୍ରା ର ଉଦାସୀନତା
ତୁମେ ଅଟ ଗଭୀର ନିଦ ।।

ତୁମେ ପରାଜୟ ର ଶ୍ୱେତ ଧ୍ୱଜା
ତୁମେ ବିଜୟ ର ଲୋହିତ ତିଳକ,
ତୁମେ ସମୟ ପରି ଚିରସ୍ଥାୟୀ
ତୁମେ କ୍ଷଣିକ ନେତ୍ର ପଲକ ।।

ତୁମେ ଆତ୍ମବିଶ୍ୱାସ ର ପ୍ରତୀକ
ତୁମେ ଏକ ବୃଥା ଆଶ୍ୱାସନା,
ତୁମେ ସତ୍ୟ ର ପ୍ରତୀକ
ତୁମେ ଏକ ମିଥ୍ୟା ବର୍ଣ୍ଣନା ।।

ତୁମେ ରଶ୍ମି ର ଆଦ୍ୟ ପ୍ରାନ୍ତ
ତୁମେ ରଶ୍ମି ପରି ଅସୀମ,
ତୁମେ ଦୟାଳୁ, ତୁମେ ଉଦାର
ତୁମେ ନିର୍ଦ୍ଦୟ, ତୁମେ ନିର୍ମମ ।।

ତୁମେ ବର୍ତ୍ତମାନ, ତୁମେ ଅତୀତ
ତୁମେ ଦ୍ୱିଧା, ତୁମେ ନିଶ୍ଚିତ ।।
ତୁମେ ପ୍ରତ୍ୟୁଷ, ତୁମେ ପ୍ରଦୋଷ,
ତୁମେ ଆହ୍ଲାଦ, ତୁମେ କ୍ଲେଶ ।।

କବିତା ର ଆରମ୍ଭ ରେ ତୁମେ
ତୁମେ ହିଁ କବିତା ର ଶେଷ ।।

ଦେଓଗାଁ, ବରଗଡ

ଉପଲବ୍ଧି
ରତ୍ନକାନ୍ତି ମିଶ୍ର

ଆଉ ଟୁକୁଡାଏ ପାପ ବାକି ଅଛି
ବୋଲି
ଏତେ ସୁନ୍ଦର ଏ ଧରିତ୍ରୀ
ଆପଣ ଜାଣନ୍ତି ନାହିଁ
ଅହଂକାର ସୀମା ଟପିନି ବୋଲି
ସ୍ଥିତି ଜାହିର କରେ ଜ୍ଞାନ
ଆପଣ ବୁଝନ୍ତି ନାହିଁ
କପଟତାର ବିଭତ୍ସ ଅନ୍ଧକାର
ବିବେକର ଔଜଲ୍ୟକୁ ଭେଦି ପାରିନି
ଏଯାଏଁ
ତେଣୁ,ମଣିଷପଣିଆ ଏବେ ବି ଜାଗ୍ରତ
ଆପଣଙ୍କର ଉପଲବ୍ଧି ନାହିଁ

ବୋଧହୁଏ...!

ଯେତେବେଳେ.....
ପାପର ମୁହଁ ଉଜ୍ଜ୍ୱଳ ଦିଶେ
ଅହଂକାର ହୁଏ ମଥାର ଶିରସ୍ତ୍ରାଣ
କପଟତା ବକ୍ଷକୁ କରେ ଆଲିଙ୍ଗନ
ଠିକ୍ ସେତିକିବେଳେକୁ...
ମେଘ ଖେଦିଯାଏ ଆକାଶ
ଅନ୍ଧାର ଘୋଟିଆସେ ଦିଗବଳୟ ଆଡୁ
ବିଜୁଳି ଡେଉଁଥାଏ ଚିରଚିରା ମାରି
ନଭ ଦେଶେ ଏ ପ୍ରାନ୍ତରୁ ସେ ପ୍ରାନ୍ତ
ପୁନଶ୍ଚ କଡ଼ ଲେଉଟାଏ ସମୟ
ମ୍ୟୁହମାନ ହୁଏ ଦମ୍ଭପଣ
କାୟା ପରିବର୍ତ୍ତନରେ ଫେରନ୍ତି
ଅବତାରୀ

ପଶ୍ଚାତାପ ପାଦଥାପେ ଅଚାନକ
ହୃଦୟ ଦ୍ୱାରରେ
ଆପଣ ହୁଏତ ବୁଝି ପାରିଲେଣି ଏକଥା
ସ୍ୱୀୟ ତର୍ଜମା ପରେ...!!!

ଆଳି, କେନ୍ଦ୍ରାପଡା

ବାପା !
ସୁରେନ୍ଦ୍ର ନାଥ ସାହୁ

ବାପା ବୃକ୍ଷଟିଏ
ଫଳ ଆଉ ଛାଇର
ବାପା ମୂର୍ତ୍ତ ମନ୍ତ୍ରଟିଏ ସଂଘର୍ଷର
ସାଥୀ ଟିଏ ସଂଘବଦ୍ଧ ସମର୍ପଣର
ସୌମ୍ୟ ଚରିତ୍ରଟିଏ କର୍ତ୍ତବ୍ୟର
ପରିଚୟଟିଏ ପ୍ରେମ ଏବଂ
ସୌହାର୍ଦ୍ଦର।
ବାପା ଏମିତିକା ସହନଶୀଳ ଆଉ
ସଂବେଦନଶୀଳ ଜୀବନ୍ତ ମୂର୍ତ୍ତିକା
ଯେ ନିଜେ ନିଜକୁ ଦଳି ଚକଟି
ଝାଳ ବଳ ବୟସର
ଭେଟି ଚଢାଇ ଦିଏ
ଦେଖିବା ପାଇଁ ଆମ ଓଠ ରଂଗ,
ହସର।
ବାପା ଆମ ହାତଧରି
ଚଲାଇ ଶିଖାଇଥିବା ବାଟ
ବାପା ଆମକୁ କାନ୍ଧରେ ବସାଇ
ଦେଖାଇ ଥିବା ନାଟ
ବାପାଙ୍କ ପରିଶ୍ରମ ଇନ୍ଧନରେ ଜଳେ
ଘର ଇଷାଣ ଏବଂ
ତୁଳସୀ ମୂଳର ଦୀପ।

ବାପା ହୃଦୟର ଦି ଚଉଠ ଜମିରେ
ଅଗାଧ ଭାବ ତରଂଗ
ଅସରନ୍ତି ମିଠା ମହୋଦଧିର ତୁଠ।
ବାପା ଆମ ଅଳି ଅଝଟର
ପସନ୍ଦିତ ମାଟି କଣ୍ଢେଇର
ଖୁସି ଖେଳନାର ପସରା ହାଟ।

ବାପା ଶିକ୍ଷାର ପ୍ରଥମ ଚାଟଶାଳୀ
ସ୍କୁଲ ବସ୍ତାନିର ବହି କଲମ
ଟିଫିନ୍ ବକ୍ସର ଜଳଖିଆ
ସ୍କୁଲ ବସର ଭଡା
ସତ ସଂପର୍କର ଦରଦୀ ଗୁରୁ
ଆମେ ତାଙ୍କର ଚାଟ।

ବାପା ଆମ ଦୁଷ୍ଟାମି ପାଇଁ ଦଣ୍ଡଟିଏ ବି
ବାପା ହିଁ ସେହି ମଣିଷ
ଯିଏ ନିଜ ସୁଖ ସୁବିଧାକୁ ପଛ କରି
ଆମକୁ ଆଗକୁ ବଢିବା ପାଇଁ
ନିଜକୁ ନିଗାଡି
ତିଆରି ଥାଏ ବାଟ।
ବାପା ବେଳେ ବେଳେ
ନିଜେ ନଖାଇ ନ ପିଇ
ନିଜ ପେଟ କାଟି
ନିଜ ସନ୍ତାନର ଭରିଥାଏ ପେଟ।

ବାପା ଆମ ହିତଟିଏ, ମିତଟିଏ
ଦାନଶୀଳ ଦେବତାଟିଏ
ଆମରି ମଂଗଳ କାମନା କରି
ଲେଖେ ଯେ
ଆମ ସୁନ୍ଦର ଭବିଷ୍ୟତର ପଟ।
ବାପା ଆମ ସୁରକ୍ଷାର ମଣିଷ
ବାପାଙ୍କ ହାତ ମୁଣ୍ଡ ଉପରେ ଥିଲେ
ବିପଦ ଗତି ବଦଳାଇ ଦିଏ
ଆମ ଘର ମଠର ସେ ମହନ୍ତ ମହାନ
ତ୍ୟାଗ, ତପ, ସାଧନାର
ଚଳନ୍ତି ପାଠ।

କଳମ୍ବ(ଡିହସାହି),
ପୋଲସରା,
ଗଞ୍ଜାମ- ୭୬୧୧୦୫
(ମୋ) -୮୧୨୮୯୧୯୨୫୬

ଗଭାର ଫୁଲ ନେଳି
ତାରାପ୍ରସାଦ ଜେନା

ସାଗର ନେଳି ଆକାଶ ନେଳି
ଗୋରୀରେ..... ଗଭାର ଫୁଲ ନେଳି
ସେଇ ନେଳିରେ ହଜି ମୁଁ ଗଲି
ସରାଗ ଦିଏ ବୋଳି
ଗଭାର ଫୁଲ ନେଳି..... ! ୦ !

ବାଦଲ କନ୍ୟା ସଜାଇ ତୋତେ
ଅଙ୍ଗରେ ଦେଲି ନୀଳ ରଙ୍ଗର ଶାଢ଼ି

ରୂପର ବନ୍ୟା ଉଉଳା କରେ
ପାଗଳ ହେଲି ନରମ ଓଠ ଧରି
ଗୋରୀରେ..... ପର କରିଦେ'ନା
ପର କରିଲେ ମୁଁ ଗୁମୁରି ଯିବି ସରି
ଗଭାର ଫୁଲ ନେଳି..... ! ୧ !

ତୋ ଆଖି ନେଳି କହୁଛି କେତେ
ମନର କଥା ସାତ ଜନମ ପାଇଁ
ଚମକ ଖେଳି ସପନ ରାତେ ସପନ ରାତେ
ଜଳୁଚି ଅବା ପିଆସୀ ମନ ଛୁଇଁ
ଗୋରୀରେ..... ମୁଁ ବିରହୀ ସତେ
ବିରହ ତାନେ ଗାଏ ପ୍ରଣୟ ରାଗ ତୋଳି
ଗଭାର ଫୁଲ ନେଳି..... ! ୨ !

ରାଜ ରଣପୁର,
ନୟାଗଡ଼-୭୫୨୦୨୬,
(ମୋ)୯୩୪୮୦୫୪୩୦୦

ଅବୁଝାମନ
କମଳ ଲୋଚନ ପଣ୍ଡା

ବୁଝେନା ସେ
ସଂଘର୍ଷର ବଳୟ ଭିତରେ
ଜୀବନ ଜୀଇଁବାର ମଜା,
ବିଫଳତାର ଇନ୍ଧନ ଭିତରେ
ସଫଳତା ପାଇବାର ଆଶା।

ବୁଝେନା ସେ...
ମିଛର ପରିଧି ମଧ୍ୟରୁ
କ୍ଷଣ ଭଙ୍ଗୁର ସତକୁ ଜାଣିବାର ଇଚ୍ଛା
ଅଦିନର କୁହୁଡି ମଧ୍ୟରୁ
ଅଟକି ଯାଇଥିବା ନିଃଶ୍ୱାସର
ରୁଦ୍ଧତା ।

ବେଳେ ବେଳେ କିଛି କଥା ବୁଝିବାକୁ
ଟିକେ ସମୟ ଲାଗେ
ବେଳେ ବେଳେ ଆଉ କିଛି କଥା
ସମୟ ବୁଝେଇ ଦିଏ ।

ନୀଳଗିରି,ବାଲେଶ୍ୱର
ମୋ-୭୩୨୭୦୨୮୯୭୮

ଓଡ଼ିଆଣି ଓଜ
ସୁବାସ ଚନ୍ଦ୍ର ସାହାଣୀ

ଓଃ କି ଔଦାର୍ଯ୍ୟ ! ଓଡ଼ିଆଣି ଓର୍ ମାନ୍ ଓଢ଼ଣା ବୈଦୁର୍ଯ୍ୟ !
ଓଡ୍ର ରାଜ୍ୟ ଔକାତ, ଭରା ଭରା ଭରସାର ବିସ୍ମିତ ଭାସ୍କର୍ଯ୍ୟ !!
ଭୁଆସୁଣି ଭରା ଭବ୍ୟ ବିସ୍ମୟ ସାମ୍ରାଜ୍ୟ, ଭବ ଭୋଗ ଭାବ
ଭାରି ଭୋର୍, ଭୂଷଣ ଆକାଶ, ଭୂମି ପୂଜା ପବିତ୍ର ପାଣି ପର୍ବ ।

ପ୍ରହର ପହରା,ପଣ ପିଆଲାରେ, ପହଁରେ ଓଡ଼ିଆଣି ସଜ ବାଜ,
ଓଦା ସର ସର, ଓହଳ କେଶ, ଔଜ୍ୱଳ କାନ୍ତିରେ ଆଃ କି ତେଜ!
ଅଦ୍ଭୁତ ଆବେଗ, ଆଲ୍ଲାଦ ଔକାତି ମତି, ଓକାଳେ ପ୍ରୀତି ଝର,
ଓଡ଼ିଆଣି ଓଢଣାରେ, ଓଳିଥାଏ ଓଃ! ଓଡ଼ିଆତ୍ୱ ଓଜନିଆ ଓଜ ।

ସକାଳକୁ ସଜ କରେ, ସିକ୍ତ ସଜଳ କାନ୍ତିରେ, ସଞ୍ଚର ସତେଜ,
ସଂସାର, ସୁଖ, ଶାନ୍ତି, ସପନ ବିଥିରେ, ସ୍ୱାମୀ ସୋହାଗ ପ୍ରୀତି-
ଉଲ୍ଲାସ,ଆଶା,ବିଶ୍ୱାସର,ଅନନ୍ତ ଅକ୍ଷୟ ଯୋଗ ଅମୃତାତ୍ମାର,
କୁଳବଧୂ ଉଚ୍ଛଳ -କଳ-କଲ୍ଲୋଳ,କୁଳ ଗୌରବ,ଗାରିମା ଜ୍ୟୋତି।

ଉଷାର ଉଚ୍ଛ୍ୱାସ ତୋଳି, ଉଶୀ ରସ ରାଗ ହସର ଗନ୍ଧରେ,
କୋମକ କଳିକା କୋଳ କୁହୁକ ଛଟକ ରନ୍ଦ୍ର କପାଟରେ...
ହସୁଥାଏ, ଓଡ଼ିଆଣି, ଓଲଟ ଫୁଙ୍କରେ, କୁଳୁ କୁଳୁ ଝରଣାରେ,
ନୂଆରାଗ, ନୂଆବେଗ, ନୂଆ ଉଦ୍ଦୀପନ୍ନା ଉତ୍କଣ୍ଠା ଚିତ୍ତରେ।

ଛୁଆ ପିଲା, ଗହଳ ଚହଳ, ଛନ୍ନ ଛଟକା ଚେଙ୍କା ଚାହାଁ ରେ,
ଚିତ୍ତ ତା'ଚିତ୍ତ ବଟା, ଗୋପନ ଗାଁ'ର ଗହନ ଗଳିରେ-
ଗୀତ ସୁରଭିର, ଚାଁଉଙ୍କା ଅଙ୍କା, ଜୀବନ ନାଟିକା ଛଟା
ପତି ପ୍ରେମ, ପ୍ରମେୟ ପ୍ରଣୟ, ପତି ବ୍ରତା, ପ୍ରତ୍ୟୟେ ବଣ୍ଟା ।

ଓଡ଼ିଆଣି କୁଳ କଲ୍ୟାଣି, ଲାଜ ବାଜ ରଙ୍ଗ ରକୁଣୀ ରମଣୀ,
ଓହଳ ଓଢଣା ଟାଣି, ନୂଆ ଭୁଆସୁଣି, ଲକ୍ଷ୍ମୀଠାକୁରାଣୀ-
ପାଦକୁ ପାଦ ଗଣି, ଚାଲିଲେ ବାଜୁଥାଏ ପାଦରେ ଖଜଣି ,
କେତେ ନମ୍ର, କେତେ କମ୍ର, କମନୀୟ, କୋମଳ ଚାହାଁ ଣୀ।

ଓଡ଼ିଆ ସଂସ୍କୃତି,ଓଡ଼ିଆ ହୃଦୟ ,ପିଣ୍ଡ ପରାଣ ପୁଣ୍ୟ କାନ୍ତି,
କଳା କଳାବନ୍ତ, କାଳିଆ ସା'ନ୍ତ, କେଳି କଦମ୍ବିତ ଧର୍ମରୀତି।
ବାରମାସେ, ତେର ପୁନେଇଁ ପର୍ବ, ପାଳେ ଶ୍ରଦ୍ଧା ଭରେ ଓଡ଼ିଆଣି,
ଲକ୍ଷେ ହୀରା, ଦ୍ୟୁତି ପ୍ରଭା, ଭିନ୍ନ ଆଭାରେ ହସେ ତା' ମୁଖବାଣୀ।

ଶ୍ରୀହରି ଆଳୟ, ବାଂମୟ ନିଳୟ, ସାହିତ୍ୟ ଚିରକାଳ
ସା-ବୋଇତାଳୁ ପାଟଣା,ପୋଷ୍ଟ-ମୋହନପୁର,ଭାୟା -ବିଞ୍ଚାର ପୁର-
୭୫୫୦୦୪।ଜିଲ୍ଲା-ଯାଜପୁର (ମୋ)-୭୩୮୪୨୫୧୧୪୬

କବିଟିଏ ମୁହିଁ ହେବି
ରଘୁନାଥ ତ୍ରିପାଠୀ

କବିଟିଏ ମୁହିଁ ହେବି
କଲମ ଟି ଧରିଥିବି
ଦେଶବାସୀଙ୍କର ମରମେ ମରମେ
ଜାତିପ୍ରେମ ଢାଳୁଥିବି ।

ହୃଦେ ତୋଳି ବନମାଳୀ
ଭକତି ପ୍ରଣତି ଢାଳି
ଜଗତ ବାସୀଙ୍କ ହୃଦୟ କନ୍ଦରେ
ବିଭୂପ୍ରେମ ଦେବି ବୋଳି ।

ପ୍ରକୃତି ରାଣୀର ବିଭା
ସତେ କେତେ ମନଲୋଭା
କଲମ ମୁନରେ ବର୍ଣ୍ଣିବି ତା ଚିତ୍ର
ପ୍ରକାଶିବ ତାର ଆଭା ।

ରଣରଙ୍କା ହୃଦ ଜିଣି
ତାଙ୍କ ମନ ନେବି କିଣି
ଯୁଦ୍ଧକୁ ବିମୁଖ କରିଦେବି ତାଙ୍କୁ
ଶାନ୍ତିର ବାରତା ବୁଣି ।

ପ୍ରଣୟ ବିଧୁର ଜନେ
ଦୂରେ ଅବା ସନ୍ନିଧାନେ
ଯୋଡ଼ିଦେବି ଦୁଇ ଖଣ୍ଡିତ ହୃଦୟ
ମୋର ଲେଖନୀର ମୁନେ ।

ସମାଜକୁ ସଜାଡ଼ିବି
ଯୁଦ୍ଧେ ଯାହା ନ ପାରିବି
ଶକ୍ତିଶାଳୀ ଜନ ଆନ୍ଦୋଳନ ତୋଳି
ଦୁନିଆ ଥରାଇଦେବି ।

ରାଜା ଦିନେ ଯିବ ଚାଲି
ସମାଜ ଯିବ ବଦଳି
କବିର ଲେଖନୀ ଅମରତ୍ୱ ଘେନି
ଭବେ ଯାଉଥିବ ଖେଳି ।

ବିଦ୍ୟାର୍ଥୀ ଓ ଯୁବା ମନେ
ପ୍ରେରଣା ଜାଗିବି କ୍ଷଣେ
ଦେଶ ଓ ଦଶର ଉନ୍ନତି କଳପେ
ପ୍ରସ୍ତୁତ ହେବେ ସେମାନେ ।

ନରପତି ନିଜ ଦେଶେ
କବି ପୂଜ୍ୟ ଦଶଦିଶେ
କବିତାର ସ୍ୱର ଦୁନିଆ ଶୁଣିବ
ଥାଇ ଦୂରେ ଅବା ପାଶେ ।

କବିଟିଏ ମୁହିଁ ହେବି
ଭବେ ବାଟ ଦେଖାଇବି
ମୋ ସ୍ୱେଚ୍ଛା ପ୍ରସୂତ ଶକ୍ତ ଅନୁଭବ
ଦୁନିଆକୁ ଭେଟି ଦେବି ।

କବିଟିଏ ମୁହିଁ ହେବି
କବିଟିଏ ମୁହିଁ ହେବି ।

ବାଲିସାହି, ମଧୁପାଟଣା
କଟକ
(ମୋ) ୮୭୬୩୩୪୩୨୬୩

ମୌସୁମୀର ନାହିଁ ଦେଖା
ସୁରାତ୍ରୀ ପ୍ରଧାନ

କେବେ ଭିଜେଇବୁ ବସୁନ୍ଧରାକୁ ତୁ
କହଲୋ ଆଷାଢ଼ୀ କନ୍ୟା
ତୋ ଦେହରେ ପରା
ବରଷାର ଧାର
ଆଖିରେ ଲୁହର ବନ୍ୟା ।

ବାଦଲ କୋଳରେ ଘର କରିଛୁଲୋ
ଆସିବାକୁ ମନ ନାହିଁ

ଡହକ ତାତିରେ ଜଳୁଛି ଧରଣୀ
ଫାଟୁଛି ଟାଙ୍ଗରା ଭୂଇଁ ।

ତୋ ଆଗମନରେ ହସିବ ଧରଣୀ
ଶାନ୍ତ ହେବ ବସୁନ୍ଧରା
ପଲ୍ଲବୀତ ହେବ ତରୁ ଆଉ ଲତା
ପାଇ ତୋର ଜଳ ଧାରା ।

ମାଟି ଆକାଶର ଅପୂର୍ବ ମିଳନ
ସୃଷ୍ଟି ହେବ ତୋର ପାଇଁ
ସବୁଜିମା ଭରା ହେବ ଏଇ ଧରା
ଶୀତଳ ପରଶ ପାଇ ।

ଲହଡି ଭାଙ୍ଗିବ ସୁନାର ଫସଲ
ଚାଷୀ ଭାଇ ହେବ ଖୁସି

କେବେ ତୁ ଆସିବୁ କହଲ ମୌସୁମୀ
ତୋ ବାଟ ଚାହିଁଛୁ ବସି ।

କୁସୁପୁର, ଗୋପ,ପୁରୀ-୭୫୨୧୧୦
(ମୋ) ୭୦୦୮୨୬୦୫୧୬

ମୁଉଁ ରହିବିନି ଗାଆଁରେ
ଶିଶିର କୁମାର ପଣ୍ଡା

ଭୁବନେଶ୍ୱରରେ ଘର କଲି ଆସି
ପରକରି ଗାଆଁ ମାଟିକି
କକା ଖୁଡ଼ୀ ଆଉ ସାଇ ଭାଇଙ୍କର
ସିନିହର ଡୋର କାଟିକି ।

ମାଟିରେ ଆଉ ତ ପାଦ ପଡୁନାହିଁ
ଜୋତା ଖସୁନାହିଁ ଗୋଡ଼ରୁ
ତିନିତାଲା କୋଠା ଦେଖି ମୋ ପାରିବ
ବାପୁଜୀ ନଗର ମୋଡ଼ରୁ ।

ଡିଜାୟାର୍ ଗାଡ଼ି ଚଢ଼ିକି ବୁଲେ ମୁଁ
ଚାଳକ ଥାଏ ମୋ ପାଖରେ
କେବେଠାରୁ ଆଉ ବିଲକୁ ଯାଉନି
ଛତା ଜାକିଦେଇ କାଖରେ ।

ହିଡ଼ରେ ବସିକି ପଖାଳ ଖାଇବା
ଧୀରେ ଧୀରେ ଭୁଲି ଗଲିଣି
ମାଳି ରଖିଅଛି ଦେଖାରଖା ପାଇଁ
ବଗିଚା ଏଇଠି କଲିଣି ।

ବାପା ବୋଉ ପଛେ ଏଠି ନ ରୁହନ୍ତୁ
ମୁଉଁ ରହିବିନି ଗାଆଁରେ
ସାଜ ମୋ ଦେହର ବଦଳି ଯାଇଛି
ଭଲକରି ଟିକେ ଚାହାଁରେ ।

କୁଆଁସ , ମେରଦା କାଟିଆ ,
ଯାଜପୁର
(ମୋ): ୮୯୮୧୭୩୭୨୨୮

୪ ବର୍ଷ ହେଲା ଅଦାଲତରେ ଲଟକିଛି ଅଧ୍ୟାପକ ନିଯୁକ୍ତି: ବିଶ୍ୱବିଦ୍ୟାଳୟରେ କେମିତି ଚାଲିବ ପାଠପଢ଼ା ?

ଭୁବନେଶ୍ୱର, ୦୮/୦୭ (ନି.ପ୍ର): ରାଜ୍ୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଏଗାର ହଜାରରୁ ଅଧିକ ଅଧ୍ୟାପକ ପଦ ଖାଲି। ସ୍ଥାୟୀ ନିଯୁକ୍ତି ମାମଲା ଅଦାଲତରେ ଲଟକିଛି। ତେଣୁ ଶିକ୍ଷାଦାନ ନିମନ୍ତେ ଅତିଥି ଅଧ୍ୟାପକଙ୍କ ଉପରେ ଭରସା କରାଯାଉଥିଲା; ମାତ୍ର ତାହା ମଧ୍ୟ ବିଳମ୍ବିତ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନକୁ ନେଇ ଶିକ୍ଷାର୍ଥୀ ଓ ଅଭିଭାବକ ଚିନ୍ତିତ। ୨୦୨୦ ସେପ୍ଟେମ୍ବର ୪ ତାରିଖରେ କେନ୍ଦ୍ର ସରକାର ବିଶ୍ୱବିଦ୍ୟାଳୟ ସଂଶୋଧନ ନିୟମ ପ୍ରଣୟନ କରିବା ପରେ ରାଜ୍ୟର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଛି ସମସ୍ୟା। ଅଧ୍ୟାପକ ନିଯୁକ୍ତି ସଂକ୍ରାନ୍ତରେ ହାଇକୋର୍ଟ ସବୁଜ ସଙ୍କେତ ପ୍ରଦାନ କରିଥିଲେ ହେଁ ସୁପ୍ରିମ୍‌କୋର୍ଟ ଏହା ଉପରେ ରହିତାଦେଶ ଜାରି କରିଛନ୍ତି। ଇତି ମଧ୍ୟରେ ୪ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ତୁଟିନାହିଁ। ଅପରପକ୍ଷରେ ଅତିଥି ଅଧ୍ୟାପକ ନିଯୁକ୍ତି ମଧ୍ୟ ସରୁନାହିଁ। ଫଳରେ ଶିକ୍ଷାଦାନ ପ୍ରକ୍ରିୟା ସାଙ୍ଘାତିକ ଭାବେ ବାଧାପ୍ରାପ୍ତ ହେଉଛି। କେବେ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବା ଅତିଥି ଅଧ୍ୟାପକ ନିଯୁକ୍ତି ସରି ପାଠପଢ଼ା ସ୍ୱାଭାବିକ ହେବ ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ଅଧ୍ୟାପକ ଅଭାବରୁ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ବାଟବଣା। ବିଧାନସଭା ତଥ୍ୟ ଅନୁସାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୧୧ ଅଧ୍ୟାପକ ପଦ ଖାଲି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭୭, ଫକିର ମୋହନ ବିଶ୍ୱବିଦ୍ୟାଳୟରେ ୮୩, ସମ୍ବଲପୁରରେ ୬୩, ରେଭେନ୍ସାରେ ୧୫୬, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୬୪, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୭୨, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୧୮ଟି ଅଧ୍ୟାପକ ପଦ ଖାଲି ରହିଛି। ବିକ୍ରମଦେବ ଓ ଧରଣୀଧର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ପଦ ସୃଷ୍ଟି ହୋଇ ନାହିଁ। କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ମଧ୍ୟ ସ୍ଥାୟୀ ଅଧ୍ୟାପକ ନିଯୁକ୍ତ ହୋଇ ନାହାନ୍ତି। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପାଇଁ ୧୧୨ଟି ପଦ ମଞ୍ଜୁର ହୋଇଥିବା ବେଳେ ମାତ୍ର ୪ଜଣ ଅଛନ୍ତି। ଇତି ମଧ୍ୟରେ ଅନେକ ଅଧ୍ୟାପକ ଅବସର ନେଇଛନ୍ତି। ଅଧ୍ୟାପକ ଅଭାବକୁ ଭରଣା କରିବା ପାଇଁ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ପର୍ଯ୍ୟନ୍ତ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଯୋଜନା ହୋଇଥିଲା। ହେଲେ ଏହା ମଧ୍ୟ ବାଟ ହୁଡ଼ିଛି। ୨୦୨୪-୨୫ ଶିକ୍ଷାବର୍ଷରେ ପାଠପଢ଼ା ଆରମ୍ଭ ହୋଇଥିଲେ ମଧ୍ୟ ଅତିଥି ଅଧ୍ୟାପକ ନିଯୁକ୍ତି ସରିନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ୨୭ଟି ବିଭାଗରେ ୪୩ ଜଣ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ହୋଇଛି। ଏଥିପାଇଁ ୭୨ ଜଣ ଆବେଦନ କରିଥିଲେ ମଧ୍ୟ ଏଯାଏଁ ଚୟନ କମିଟି ବସିନାହିଁ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ଅନ୍ୟ ବିଶ୍ୱବିଦ୍ୟାଳୟ ଗୁଡ଼ିକର ମଧ୍ୟ ସମାନ ଅବସ୍ଥା। ମିଳିଥିବା ସୂଚନା ଅନୁଯାୟୀ, ଉତ୍କଳରେ ଅତିଥି ଅଧ୍ୟାପକ ନିଯୁକ୍ତି ପାଇଁ ଆଶାୟୀଙ୍କ ସର୍ଟଲିଷ୍ଟ ସରିଛି। ହେଲେ ଚୟନ କମିଟି ପାଇଁ ବିଭାଗ ପକ୍ଷରୁ କୌଣସି ପ୍ରତିନିଧିଙ୍କୁ ନିଯୁକ୍ତ କରାଯାଇ ନଥିବାରୁ ତାହା ଅଟକି ରହିଛି। ପାଠପଢ଼ା ବାଧାପ୍ରାପ୍ତ ହେଉଥିବାବେଳେ ଅତିଥି ଅଧ୍ୟାପକ ନିଯୁକ୍ତିରେ କାହିଁକି ବିଳମ୍ବ କରାଯାଉଛି ବୋଲି ଛାତ୍ରଛାତ୍ରୀମାନେ ପ୍ରଶ୍ନ ଉଠାଇଛନ୍ତି।

କନ୍ଧମାଳର ଢାଂଚାଗତ ଉନ୍ନତି ଲକ୍ଷ୍ୟ ହାସଲ ପାଇଁ ସମ୍ପୂର୍ଣ୍ଣତା ଅଭିଯାନ

କନ୍ଧମାଳ, ୦୮/୦୭ (ନି.ପ୍ର): ଓଡ଼ିଶାର ସର୍ବମୋଟ୍ ୧୦ଟି ଜିଲ୍ଲାକୁ ଭାରତ ସରକାରଙ୍କ ଦ୍ୱାରା ଆକାଂକ୍ଷୀ ଜିଲ୍ଲା ଭାବେ ନିଆଯାଇଛି। ସେଥିମଧ୍ୟରେ କନ୍ଧମାଳ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଯାଇଛି। ଭାରତ ସରକାରଙ୍କର ନୀତି ଆୟୋଗ ଏହି ଆକାଂକ୍ଷୀ ଜିଲ୍ଲାମାନଙ୍କର ଢାଞ୍ଚାଗତ ଉନ୍ନତି କରିବା ସହିତ ସାମାଜିକ, ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷିର ବିକାଶ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲକୁ ସୁନିଶ୍ଚିତ କରିବାକୁଯାଇ ସମ୍ପୂର୍ଣ୍ଣତା ଅଭିଯାନ ଗତକାଲି ଶୁଭାରମ୍ଭ କରିଛଛି। ଏହି ଅଭିଯାନ ୪ ଜୁଲାଇ ୨୦୨୪ ରୁ ୩୦ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଜଣାପଡ଼ିଛି। ଏବେ କନ୍ଧମାଳ ଜିଲ୍ଲାକୁ ସ୍ୱାସ୍ଥ୍ୟ ଓ ସୁଷମ ଖାଦ୍ୟ କ୍ଷେତ୍ରରେ ଗର୍ଭବତୀ ମହିଳାମାନଙ୍କୁ ପ୍ରସୁତି ପୂର୍ବ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା, ଶତ ପ୍ରତିଶତ ଗର୍ଭବତୀ ମହିଳାଙ୍କ ପାଇଁ ନିୟମିତ ସୁଷମ ଖାଦ୍ୟ ବଣ୍ଟନ, ୯ରୁ ୧୧ ମାସ ମଧ୍ୟରେ ଥିବା ସମସ୍ତ ଶିଶୁଙ୍କୁ ସମ୍ପୂର୍ଣ୍ଣ ଟୀକାକରଣ କରିବା ଭଳି ୩ ଗୋଟି ଇଣ୍ଡିକେଟର ବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେହିପରି, କୃଷି କ୍ଷେତ୍ରରେ ଉନ୍ନତି ପାଇଁ ସମସ୍ତ କୃଷକଙ୍କୁ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଏବଂ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ସମସ୍ତ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ବିଦ୍ୟୁତୀକରଣ ଓ ଶିକ୍ଷା ବର୍ଷ ଆରମ୍ଭରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରି ନୀତି ଆୟୋଗକୁ ପ୍ରଦାନ କରିବେ। ସେଥିପାଇଁ ମଧ୍ୟ ପ୍ରତିଜ୍ଞା କରାଯାଇଛିକି ମୋ ଜିଲ୍ଲା ଏବଂ ମୋ ବ୍ଲକରେ ସମ୍ପୂର୍ଣ୍ଣତା ଅଭିଯାନର ସମସ୍ତ ଲକ୍ଷ୍ୟଗୁଡ଼ିକୁ ପୁରା କରିବା ପାଇଁ ମୁଁ କାର୍ଯ୍ୟ କରିବା ସହିତ ଏଥିପାଇଁ ଅନୁଷ୍ଠିତ ହେଉଥିବା ସମସ୍ତ କାର୍ଯ୍ୟକ୍ରମରେ ମୁଁ ମୋର ଶତ ପ୍ରତିଶତ ଅଂଶ ଗ୍ରହଣ କରିବି। ମୁଁ ମୋର ଜିଲ୍ଲା ଏବଂ ବ୍ଲକ କୁ ସ୍ୱାସ୍ଥ୍ୟକର, ସକ୍ଷମ ଓ ସମୃଦ୍ଧି କରିବି। ଏଥି ସହିତ ମୋ ଜିଲ୍ଲା ଓ ବ୍ଲକ କୁ ଗୋଟିଏ ପ୍ରେରଣାଦାୟକ ଜିଲ୍ଲା ଓ ବ୍ଲକ ଭାବରେ ଗଢ଼ିତୋଳିବା ପାଇଁ କାର୍ଯ୍ୟ କରିବି। ଏ ଦିଗରେ ସଚେତନତା ବୃଦ୍ଧି କରିବା ପାଇଁ ଗତକାଲି ସକାଳେ ଏକଶୋଭାଯାତ୍ରା ମାଦିକୁଦା ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା। ପଞ୍ଚାୟତ ଭବନ ପରିସରରେ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ପୋଷଣ ଏବଂ ଶିକ୍ଷା ଉପରେ ପଥପ୍ରାନ୍ତ ନାଟକ କରାଯାଇଥିଲା। ଏହି ସମ୍ପୂର୍ଣ୍ଣତା ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଧାୟକ, ଫୁଲବାଣୀ ଉମା ଚରଣ ମଲ୍ଲିକ, ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ, ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ଆଶିଷ ଇଶ୍ୱର ପାଟିଲ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ନରେନ୍ଦ୍ର କୁମାର ନାୟକ, ନୀତି ଆୟୋଗ ପ୍ରତିନିଧି ସୁଶ୍ରୀ ସାଲୋନି ସାରା, ପିରାମଲ୍ ଫାଉଣ୍ଡେସନ ପ୍ରତିନିଧି,ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମେତ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ଏବଂ ସ୍ଥାନୀୟ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ।

ଭାଗବତବାବୁଙ୍କ ୯୬ତମ ଜୟନ୍ତୀ ଉତ୍ସବ

କେନ୍ଦ୍ରାପଡ଼ା, ୦୮/୦୭ (ନି.ପ୍ର): ଓଡିଶା ଜନମାନସର ଯସ୍ୱଶୀ ରାଜନେତା, କେନ୍ଦ୍ରାପଡାର ବିକାଶ ପୁରୁଷ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ୯୬ତମ ଜୟନ୍ତୀ ଉତ୍ସବ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟର ଅଧକ୍ଷ ଗୁରୁ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡାର ବିକାଶ ପାଇଁ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ସ୍ୱର୍ଗତ ମହାନ୍ତିଙ୍କ ପରେ କେନ୍ଦ୍ରାପଡାର ବିକାଶରେ ପୂର୍ଣ୍ଣଛେଦ ପଡିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ନିଯୁକ୍ତି ତଥା ବ୍ୟବସାୟ ପ୍ରତିଷ୍ଠାନ ସ୍ଥାପନ କ୍ଷେତ୍ରରେ ସେ ଥିଲେ ବିଶ୍ୱକର୍ମା। ପରବର୍ତି ସମୟରେ ରାଜନେତାମାନେ ନିଜର ସୁଖ ସୁବିଧା କଥା ଚିନ୍ତା କରୁଥିବା ବେଳେ ସ୍ୱର୍ଗତ ମହାନ୍ତି ଥିଲେ ଜଣେ ଭିନ୍ନ ଧରଣର ବ୍ୟକ୍ତିତ୍ୱ। ଯିଏକି ଲୋକମାନଙ୍କ ସମସ୍ୟା ଓ ସୁଖ ସୁବିଧା କଥା ଚିନ୍ତା କରୁଥିଲେ ବୋଲି ମୁଖ୍ୟ ଅତିଥି କହିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

କବିତା ପୁସ୍ତକ ଚୟନିକା ଲୋକାର୍ପଣ

ଜୟପୁର, ୦୮/୦୭ (ନି.ପ୍ର): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଜୟପୁର ଠାରେ କମ୍ୟୁନିକେସନ ସାହିତ୍ୟ ସଂସଦ ଅରବିନ୍ଦ ନଗର, ଜୟପୁର ତରଫରୁ ଅନୁଷ୍ଠାନର ସଭାପତି ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ କବି ଘାସିରାମ ମହାପାତ୍ରଙ୍କ କବିତା ପୁସ୍ତକ ଚୟନିକାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ତଥା ଗାଳ୍ପିକ ଡ. ସୁରେଶ ଦାଶ, ମୁଖ୍ୟବକ୍ତା ଭାବେ ଜୟପୁର ସାହିତ୍ୟ ପରିଷଦ ସଭାପତି ଶ୍ରୀ ହରିହର କରସୁଧା ପଟ୍ଟନାୟକ, ସମ୍ମାନିତ ବକ୍ତା ଭାବେ ଶିଶୁ ପତ୍ରିକା ପରାଜାପତିର ସମ୍ପାଦିକା ଶ୍ରୀମତୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଶ୍ରୀ ରୂପଚନ୍ଦ୍ର ସୋରେନ ଯୋଗଦେଇ କବିତା ପୁସ୍ତକ ଚୟନିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଡ. ସୁଧାଂଶୁ ଶେଖର ପଟ୍ଟନାୟକ ଅତିଥିମାନଙ୍କ ପରିଚୟ କରିଥିବାବେଳେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଛାତ୍ରୀବୃନ୍ଦ। ପଣ୍ଡିତ ମନୋଜ କୁମାର ମିଶ୍ର ବେଦମନ୍ତ୍ର ପାଠ କରିଥିଲେ। ସମ୍ପାଦକ ପ୍ରକାଶ ମହାନନ୍ଦିଆ ବିବରଣୀ ପାଠ କରିଥିଲେ। ଏହି ଅବସରରେ କବି ଘାସିରାମ ମହାପାତ୍ରଙ୍କ ରଚିତ କବିତା ପୁସ୍ତକ ଚୟନିକା ପାଠକାର୍ପଣ କରାଯାଇଥିଲା। କବି ଘାସିରାମ ମହାପାତ୍ର ପୁସ୍ତକ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ କବୟିତ୍ରୀ ଶୋଭାଗିନୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଚରଣରେ ଆଇନଜୀବୀ ଶ୍ରୀ ମଦନ ମୋହନ ନାୟକଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ଘାସିରାମ ମହାପାତ୍ର ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। କବି ଅଶୋକ ମହାରଣା ଓ କବି ପ୍ରମୋଦ କୁମାର ରାଉଳ କବିତାଗୁଡ଼ିକୁ ସଂଯୋଜନା କରିଥିଲେ। କବିତା ପୁସ୍ତକ ଚୟନିକାରୁ ନିର୍ବାଚିତ କବିତାଗୁଡ଼ିକୁ କବି କବୟିତ୍ରୀବୃନ୍ଦ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଓ ମହିମାମଣ୍ଡିତ କରିଥିବା କବି, କବୟିତ୍ରୀ ଏବଂ ସହିତ୍ୟାନୁରାଗୀଗଣ ହେଲେ- ଅଶୋକ କୁମାର ପୋଳେଇ, ମମତା ମହାପାତ୍ର, ସୌମ୍ୟରଞ୍ଜନ ଲେଙ୍କା, କବିତା ସାହୁ, ସନ୍ତୋଷ କୁମାର ସାହୁ, ନାରାୟଣ ସଗର, ପ୍ରମୋଦ ରାଉଳ, ଇନ୍ଦିରା ମହାପାତ୍ର, ଅବିନାଶ ସାନ୍ତାପାତ୍ର, ଅଶୋକ ମହାରଣା, ଜି. ମହେଶ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଶୋଭାଗିନୀ ନନ୍ଦ, ତପସ୍ୱିନୀ କୁମାରୀ ସାହୁ, ଅନସୂୟା ସାମନ୍ତରାୟ, ରଘୁନାଥ ବିଶ୍ୱାଳ, ପ୍ରଶାନ୍ତ କୁମାର ସାହୁ, ପ୍ରକାଶ ମହାନନ୍ଦିଆଙ୍କ ସମେତ ଅନୁଷ୍ଠାନର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ହନିଟ୍ରାପ୍ ମାୟାଜାଲରେ ୭୦ ଲକ୍ଷ ଗାଏବ୍: ଫସିଲେଣି କଟକରେ ୪ ଜଣ ବୃଦ୍ଧ, ମହିଳା

କଟକ, ୦୮/୦୭ (ନି.ପ୍ର): କଟକରେ ରହୁଥିବା ସରକାରୀ ଅଧିକାରୀଙ୍କୁ ଟାର୍ଗେଟ୍ କରୁଛନ୍ତି ହନିଟ୍ରାପ୍ ଗ୍ୟାଙ୍ଗ୍। ନିଜକୁ ଲଣ୍ଡନ, ନେଦରଲ୍ୟାଣ୍ଡ, ଇଂଲଣ୍ଡର ଡାକ୍ତର, ନୌସେନା ଅଧିକାରୀ ପରିଚୟ ଦେଇ ବିବାହର ପ୍ରତିଶ୍ରୁତି ଦେଉଛନ୍ତି। ଏହାପରେ ବିଦେଶୀ ମୁଦ୍ରା ସହିତ ଓଡ଼ିଶା ଆସୁଥିବା କହି ଦିଲ୍ଲୀ ବିମାନବନ୍ଦରରେ ଫସୁଥିବା ନାଟକ କରୁଛନ୍ତି। ଏହାପରେ କଟକର ସରକାରୀ ଚାକିରିଆଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟିନେଉଛନ୍ତି। ବର୍ତ୍ତମାନ ସୁଦ୍ଧା କଟକର ଚାରିଟି ଘଟଣାରେ ୭୦ ଲକ୍ଷ ୨୫ ହଜାର ହଡ଼ପ କରିନେଇଛନ୍ତି ଏହି ଗ୍ୟାଙ୍ଗ। ଏହି କାରବାରରେ ମୂଳ ଅପରାଧୀଙ୍କ ନିକଟରେ ପହଞ୍ଚିବା ବଡ଼ ଆହ୍ୱାନ ହେଉଛି।

ସୂଚନା ଅନୁଯାୟୀ ବିଦେଶରୁ ଡାକ୍ତର, ନୌସେନା ଅଧିକାରୀଙ୍କ ପରିଚୟ ଦେଇ ଫୋନ୍ କରୁଥିବା ସାଇବର୍ ଅପରାଧୀ ଗ୍ୟାଙ୍ଗ୍ ଦିଲ୍ଲୀ କୁତବ୍ ନଗର, ତିଲକ୍ ନଗର ଥାନା ମହାବୀର ନଗର, ବସନ୍ତ ବିହାର, ଉତ୍ତମ ନଗର ଥାନା ମୋହନ ଗାର୍ଡେନ୍, ସାହାଦରର ପୂର୍ବ ବାବରପୁରରୁ ନାଇଜେରିଆନ୍ ଗ୍ୟାଙ୍ଗ ଦ୍ୱାରା ନିୟନ୍ତ୍ରଣ ହେଉଛି। ଏମାନେ ଭାରତକୁ ଟ୍ୟୁରିଷ୍ଟ ଭିସାରେ ଆସି ଦିଲ୍ଲୀ ରହୁଛନ୍ତି। ସେହି ଅଞ୍ଚଳରେ ମାଛ, ପନିପରିବା ଓ ତେଜରାତି ଦୋକାନ ଖୋଲି ପାର୍ଟଟାଇମ୍ ବ୍ୟବସାୟ କରୁଛନ୍ତି। ଏମାନେ ହନିଟ୍ରାପ୍ କରିବା ପାଇଁ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍‌କୁ ମୁଖ୍ୟତଃ ବ୍ୟବହାର କରୁଛନ୍ତି। ଭର୍ଚୁଆଲ୍ ନମ୍ବରରେ ଫୋନ୍ କଲ୍ କରୁଛନ୍ତି। ଏହି ନମ୍ବର ସାଇବର୍ ଅପରାଧୀ ଠାବ କରିବା କଷ୍ଟକର। ଯେଉଁ ଆକାଉଣ୍ଟରେ ଏହି ଟଙ୍କା କାରବାର ହେଉଛି, ଏଗୁଡ଼ିକ ବିହାର, ମିଜୋରାମ୍, ମଣିପୁର, ସିକିମ୍, ଅରୁଣାଚଳ ପ୍ରଦେଶ, ତ୍ରିପୁରାରୁ ଭଡ଼ାରେ ଆସୁଥିବା ଜଣାପଡୁଛି। ଏହି ଆକାଉଣ୍ଟ ସମ୍ପର୍କରେ ଖୋଳତାଡ଼ କଲେ ବି ପ୍ରକୃତ ଅପରାଧୀଙ୍କ ନିକଟରେ ସାଇବର୍ ପୁଲିସ ପହଞ୍ଚିପାରୁନାହିଁ।

୨୦୨୨ ସେପ୍ଟେମ୍ବର ୧୫ରେ ବିଡାନାସୀର ଜଣେ ଯୁବତୀ ହନିଟ୍ରାପ୍‌ର ଶିକାର ହୋଇଥିବା କଟକ କମିସନରେଟ୍ ପୁଲିସର ସାଇବର୍ ଥାନାରେ ପ୍ରଥମ ଏତଲା ହୋଇଥିଲା। ଲଣ୍ଡନରେ ନୌସେନାରେ କାମ କରୁଥିବା ସ୍କଟ୍‌ଲାଣ୍ଡର ଅହମ୍ମଦ୍ ଡାନିଆଲ୍ ବୋଲି ପରିଚୟ ଦେଇ ଜଣେ ଯୁବକ ବିଡ଼ାନାସୀ ଅଞ୍ଚଳର ଏହି ଯୁବତୀଙ୍କ ନିକଟରୁ ୭ ଲକ୍ଷ ୯୫ ହଜାର ଟଙ୍କା ଲୁଟି ନେଇଥିଲା। ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ପରେ ତା' ସୁନା ସମେତ ବିଦେଶୀ ବ୍ୟାଗ୍, ଚପଲ୍, ଡଲାର୍ ଗିଫ୍ଟ କଷ୍ଟମ ବିଭାଗ ଅଧିକାରୀ ଜବତ କରିଥିବା କହି ଯୁବତୀଙ୍କୁ ଫୋନ୍ କରିଥିଲା। ଏହାକୁ ମୁକୁଳାଇବାକୁ କହି ଟଙ୍କା ଲୁଟିନେଇଥିଲା। ସେହିଭଳି ଦ୍ୱିତୀୟ ଘଟଣାରେ କଟକର ଜଣେ ମହିଳା ଫସିଥିଲେ। ନେଦରଲ୍ୟାଣ୍ଡର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ପରିଚୟ ଦେଇ ପଟ୍ରିକ୍ ଚିଜୋରୋମ୍ ଓରାଜାକ୍ କଥା ହୋଇଥିଲେ। ସେ ଓଡ଼ିଶା ଆସୁଥିବା କହି ନୂଆଦିଲ୍ଲୀ ଏୟାରପୋର୍ଟରେ ତାଙ୍କ ବିଦେଶୀ ମୁଦ୍ରା କଷ୍ଟମ ଅଧିକାରୀ ଜବତ କରିଥିବା କହିଥିଲା। ଏହି ଟଙ୍କା ଛାଡ଼ କରିବାକୁ ହେଲେ ଟଙ୍କା ପଠାଇବାକୁ କହି କଟକର ମହିଳାଙ୍କ ନିକଟରୁ ୨୮ ଲକ୍ଷ ୬୮ ହଜାର ଟଙ୍କା ଲୁଟିନେଇଥିଲା। କ୍ରାଇମବ୍ରାଞ୍ଚ ପଟ୍ରିକ୍‌କୁ ୨୦୨୨ ଡିସେମ୍ବର ୧୫ରେ ନୂଆଦିଲ୍ଲୀ ବେଙ୍ଗଲୀ କଲୋନିରେ ଥିବା ମହାବୀର ଏନକ୍ଲେଭରୁ ଗିରଫ କରିଥିଲା।

ତୃତୀୟ ଘଟଣାରେ କଟକ ସହରରେ ରହୁଥିବା ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ ପଦରୁ ଅବସର ନେଇଥିବା ଜଣେ ବରିଷ୍ଠ ନାଗରିକ ହନିଟ୍ରାପ୍‌ର ଶିକାର ହୋଇଥିଲେ। ଇଂଲଣ୍ଡ ମଞ୍ଚେଷ୍ଟରରେ ରହୁଥିବା ଲିଓନା ଜିମି ନିଜକୁ ସୁନା ବ୍ୟବସାୟୀ ପରିଚୟ ଦେଇଥିଲା। ଭାରତ ଆସିଲେ ତାଙ୍କୁ ସୁନା ଉପହାର ଦେବାକୁ କହିଥିଲେ। ଦିଲ୍ଲୀରେ ଏୟାର ପୋର୍ଟରେ ୪୦ ହଜାର ପାଉଣ୍ଡ କଷ୍ଟମ୍ ଅଧିକାରୀ ଜବତ କରିଥିବା କହି ଏହାକୁ ଛାଡ଼ କରିବାକୁ ହେଲେ ଟଙ୍କା ପଠା

ସଇଁତଳାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪୩କୁ ବୃଦ୍ଧି: ରାଜ୍ୟସ୍ତରୀୟ ଡାକ୍ତରୀ ଟିମର ତଦାରଖ

ବଲାଙ୍ଗିର, ୦୮/୭ (ନି.ପ୍ର): ଗତକାଲି ପରିକ୍ଷଣରେ ଆଉ ଦୁଇଟି ଡେଙ୍ଗୁ ପଜିଟିଭ ବାହାରିଥିବାରୁ ସଇଁତଳାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୪୩ ରେ ପହଂଚିଛି। ବଲାଙ୍ଗିର ଜିଲ୍ଲା ସଇଁତଳା ସହରରେ ଡେଙ୍ଗୁ ବ୍ୟାପୁଥିବାରୁ ଆତଙ୍କ ସୃଷ୍ଟି ହୋଇଛି । ଏ ନେଇ ବାରମ୍ବାର ଖବର ପ୍ରକାଶିତ ହେବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରି ବଲାଙ୍ଗିର, ସଇଁତଳା ପରେ ଭୁବନେଶ୍ୱର ଡାକ୍ତରୀ ଟିମ ପହଂଚି ତଦାରଖ କରଥିଲେ । ଜିଲ୍ଲାର ଅନ୍ୟ ଅଂଚଳରେ ଡେଙ୍ଗୁ ପାଇଁ ନମୁନା ସଂଗ୍ରହ କରି ପରୀକ୍ଷା ଚାଲିଥିବା ବେଳେ ଅନ୍ୟ ସ୍ଥାନରେ କୌଣସି ନୂତନ କେସ୍ ରିପୋର୍ଟ୍ ହୋଇ ନଥିବା ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କ୍ଷୀରୋଦଚନ୍ଦ୍ର ମହନ୍ତ ପ୍ରକାଶ କରିଛନ୍ତି କ୍ଷ ଗତ ଶନିବାର ଦିନ ଉକ୍ତ ଗୋପବନ୍ଧୁପଡାର ମହିଳା ଓ ପୁରୁଷମାନଙ୍କୁ ଜ୍ୱର ହେଉଥିବା ନେଇ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କ ରକ୍ତ ସଂଗ୍ରହ କରି ପରୀକ୍ଷା ପାଇଁ ବଲାଙ୍ଗିରକୁ ପଠାଇଥିଲେ । ତନ୍ମଧ୍ୟରୁ ୧୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲା । ଏ ନେଇ ବ୍ଲକ ପ୍ରଶାସନ ତରଫରୁ ଡେଙ୍ଗୁ ସଚେତନତା ଉପରେ ଏକ ଜରୁରୀକାଳୀନ ବୈଠକ ଆୟୋଜିତ କରି ବିଭାଗୀୟ ଅଙ୍ଗେନୱାଡି, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ କିପରି ସଚେତନ କରିବେ ସେ ଉପରେ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ସଇଁତଳା ବିଡ଼ିଓ ବିନୟ କୁମାର ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ରୋହନ ଖେତ୍ରୀ, ତହସିଲଦାର ଆଶିଷ ଏକ୍କା, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ ଓ ସଇଁତଳା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସମରେନ୍ଦ୍ର ମହାପାତ୍ର ଯୋଗଦାନ କରି କରିଥିଲେ । ଏହାପରେ ସନ୍ଧ୍ୟା ସମୟରେ ଭୁବନେଶ୍ୱରରୁ ଡିଭିଡିର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଭାକର ସାହୁ ଓ ଏଣ୍ଟେମୋଲୋଜିଷ୍ଟ ରବିଶଙ୍କର ପଣ୍ଡିତ ୨ ଜଣିଆ ଡାକ୍ତରୀ ଟିମ ପଡାକୁ ଯାଇ ବିଭିନ୍ନ ଦିଗକୁ ନେଇ ତଦାରଖ କରିଥିଲେ । ଏହା ସହିତ ଡ୍ରେନ କିମ୍ବା ଅନ୍ୟ ସ୍ଥାନଗୁଡିକରେ ଜମା ରହୁଥିବା ପାଣିର ନମୁନା ସଂଗ୍ରହ କରି ପରୀକ୍ଷା କରି ଲୋକଙ୍କୁ ସଚେତନ ରହିବା ପାଇଁ କହିଥିଲେ । ଏ ନେଇ ମେଡିକାଲ ଅଫିସର ଡା.ସମରେନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ ସମସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବାବେଳେ ବର୍ତମାନ ଡେଙ୍ଗୁ ରୋଗୀ ସଂଖ୍ୟା ୪୩କୁ ପହଂଚି ଥିବା ପ୍ରକାଶ କରିଥିଲେ । ଗତକାଲି ଦୁଇ ଜଣ ଯୋଗ ହେଲା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୪୩ ରେ ପହଂଚିଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ ପାଇଁ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି, ଆଶା କର୍ମୀ ମାନେ ଲୋକଙ୍କୁ ସଚେତନ କରୁଛନ୍ତି।

ବନ ମହୋତ୍ସବ ସପ୍ତାହ ପାଳନ

ବଲାଙ୍ଗୀର, ୦୮/୭ (ନି.ପ୍ର): ସ୍ଥାନୀୟ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପରିସରରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଆନୁକୁଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳନ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମକୁ ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଅଧିକାରୀ ସହାୟକ ପ୍ରଫେସର ଦିପ୍ତିମୟୀ ନାଏକ, ଜାତୀୟ ସେବା ସଂସ୍ଥାର ସଂଯୋଜିକା ଡ. ପ୍ରିୟଙ୍କା ଚକ୍ରବର୍ତ୍ତୀ ଏବଂ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ପରିଚାଳନା କରିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ ସାମ୍ପ୍ରତିକ ସମୟରେ ବୃକ୍ଷ ରାପଣର ପ୍ରାସଙ୍ଗିକ ଓ ଉପାଦେୟତା ଉପରେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଶ୍ୱ ବିଦ୍ୟାଳୟର ବିଭିନ୍ନ କର୍ତ୍ତୃପକ୍ଷ ତଥା ସ୍ନାକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ରାଜ କିଶୋର ପାତ୍ର, ବିଶ୍ୱ ବିଦ୍ୟାଳୟ ମାନବ ସମ୍ବଳ ଆୟୋଗର ନିର୍ଦ୍ଦେଶକ ପ୍ରଫେସର ପ୍ରତାପ କୁମାର ଦାସ, ଛାତ୍ର ମଙ୍ଗଳ ଅଧିକାରୀ ତଥା ଉପକୂଳ ସଚିବ ବିଶ୍ୱଜିତ ବେହେରା, ବିଶ୍ୱ ବିଦ୍ୟାଳୟର ଉନ୍ନୟନ ଅଧିକାରୀ ପ୍ରଫେସର ଅକ୍ଷୟ ମିଶ୍ର, କଲେଜ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ବିଘ୍ନେସ ପ୍ରସାଦ ମିଶ୍ର, ଜାତୀୟ ସେବା ସଂସ୍ଥାନର ଜିଲ୍ଲା ସ୍ତରୀୟ ଅଧିକାରୀ ଡ. ଅଜିତ କୁମାର ଭୋଇ ଏବଂ ଡ. ମନୋରଂଜନ ଘଡେଇ ତଥା ହିନ୍ଦି ବିଭାଗୀୟ ମୁଖ୍ୟ ଡ. ରୂପଧର ଗମାଙ୍ଗ, ରାଜନୀତି ବିଜ୍ଞାନର ମୁଖ୍ୟ ଡ. ଶିବରାମ ପର୍ଡିଆ, ଉଦ୍ଭିଦ ବିଜ୍ଞାନର ପ୍ରଧାପକ ମଦନ ମୋହନ ପଧାନ ସମେତ ଅନ୍ୟ ଅଧାପକ ଗଣ ଆନ୍ତରିକ ଭାବରେ ସହଯୋଗ କରିଥିଲେ । ପରିଶେଷରେ ସମସ୍ତଙ୍କର ସାହାଯ୍ୟ ସହଯୋଗ କୁ ଶ୍ରାଦ୍ଧା ଓ ସମ୍ମାନର ସହିତ ସ୍ମରଣ କରି ସହାୟକ ପ୍ରଫେସର ଦିପ୍ତିମୟୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ଗୋ ଗ୍ରିନ୍ ଏବଂ ସହଯୋଗ ଫାଉଣ୍ଡେସନ୍ ପକ୍ଷରୁ ୭୫ତମ ବନ ମହୋତ୍ସବ : ୭୫ ଗଛ ଲଗାଇଲେ

ବଲାଙ୍ଗିର, ୦୮/୭ (ନି.ପ୍ର): ଗୋ ଗ୍ରିନ୍ ଏବଂ ସହଯୋଗ ଫାଉଣ୍ଡେସନ୍ ୭୫ତମ ବନ ମହୋତ୍ସବ ଅବସରରେ ୭୫ଟି ଗଛ ଲାଗାଇ ପରିବେଶ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉଠାଇଛନ୍ତି । ଏହି ଅବସରରେ ସୌମ୍ୟରଞ୍ଜନ ପଣ୍ଡା, ସହଦେବ ପ୍ରଧାନ ଏବଂ ଆର୍ତତ୍ରାଣ ପାଢିଙ୍କ ନେତୃତ୍ୱରେ ଏହି ବୃକ୍ଷରୋପଣ ଅଭିଯାନ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ସୌମ୍ୟରଞ୍ଜନ ପଣ୍ଡା କହିଲେ, 'ଆମର ଲକ୍ଷ୍ୟ ମାତ୍ର ଗଛ ଲଗାଇବା ନୁହେଁ, କିନ୍ତୁ ପରିବେଶ ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ବଢାଇବା ମଧ୍ୟ ଅଟେ । ଆମେ ଚାହୁଁଛୁ ଯେ, ଲୋକମାନେ ବୁଝନ୍ତୁ ଯେ, ଗଛ ଆମ ପାଇଁ କେତେ ମହତ୍ୱପୂର୍ଣ୍ଣ । ସହଦେବ ପ୍ରଧାନ ଏହି ଅଭିଯାନ ବିଷୟରେ କହିଲେ, ପ୍ରତ୍ୟେକ ଗଛ ଯାହା ଆମେ ଲଗାଉଛୁ, ଏହା ଆମର ଆଗାମୀ ପିଢ଼ୀଙ୍କ ପାଇଁ ଗୋଟିଏ ଉପହାର । ଆମେ ସମସ୍ତେ ମିଶି ଏହି ପୃଥିବୀକୁ ହରିତାଳ କରିବାକୁ ପଡ଼ିବ । ଆର୍ତତ୍ରାଣ ପାଢି କହିଲେ, ଆମର ଫାଉଣ୍ଡେସନ୍ ପରିବେଶ ସୁରକ୍ଷା ପାଇଁ ସର୍ବଦା ପ୍ରତିବଦ୍ଧ ରହିଛି । ଏହି ବୃକ୍ଷରୋପଣ ଅଭିଯାନ ୭୫ତମ ବନ ମହୋତ୍ସବର ଏକ ଅଂଶ ଅଟେ ଏବଂ ଆମେ ଗର୍ବିତ ଯେ, ଆମେ ୭୫ଟି ଗଛ ଲଗାଇଛୁ । ଏହି କାର୍ଯ୍ୟକ୍ରମ ଅନେକ ସ୍ଥାନୀୟ ନାଗରିକ ଉପସ୍ଥିତ ଥିଲେ । ଫାଉଣ୍ଡେସନ୍ ତରଫରୁ ଏହି ଅଭିଯାନରେ ଭାଗ ନେଇଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହିତ ଭବିଷ୍ୟତରେ ମଧ୍ୟ ଏଭଳି ଅଧିକ ଅଭିଯାନ ପାଇଁ ସମର୍ଥନ ଏବଂ ସହଯୋଗର ଆହ୍ୱାନ କରିଥିଲେ । ଏହି ବୃକ୍ଷରୋପଣ ଅଭିଯାନ ମାତ୍ର ପରିବେଶ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନୁହେଁ, ବରଂ ସମାଜରେ ଏକ ସକାରାତ୍ମକ ସନ୍ଦେଶ ମଧ୍ୟ ଦିଏ ଯେ, ଆମେ ସମସ୍ତେ ମିଶି ଆମ ପୃଥିବୀକୁ ସୁରକ୍ଷିତ ଏବଂ ହରିତାଳ କରିବାକୁ ପଡ଼ିବ । ବଲାଙ୍ଗିରରେ ରଥଯାତ୍ରାର ପରଂପରା ବହୁ ପ୍ରାଚୀନ । ସମ୍ଭବତଃ ପାଟଣା ରାଜ୍ୟର ଶାସନ ମୁଖ୍ୟ ରମାଇଦେଓଙ୍କ ସମୟରୁ ଏହା ଆରମ୍ଭ ହୋଇଥିବା ଜଣାପଡେ । ଚଳିତ ବର୍ଷ ପବିତ୍ର ଘୋଷଯାତ୍ରା ଅବସରରେ ବଲାଙ୍ଗିର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଆୟୋଜନରେ ଏହି ଘୋଷଯାତ୍ରାର ଧାରାବିବରଣୀ ପ୍ରଦାନ କରାଯାଇଥିଲା । ସହରର ମୁଖ୍ୟ ରାସ୍ତାରେ ଥିବା ଆଶିଷ ପ୍ଲାଜା ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ସରୋଜ କୁମାର ସାହୁଙ୍କ ପରିଚାଳନାରେ, ଶିକ୍ଷାବିତ୍ ସନାତନ ଠାକୁର, କବି ମଧୁସୂଦନ ନାୟକ, ସାମ୍ବାଦିକ ସନ୍ଦୀପ କୁମାର କୁଅଁର, ଅଧ୍ୟାପିକା ପ୍ରବଚିକା ଏଲୋରା ମିଶ୍ର ପ୍ରମୁଖ ବଲାଙ୍ଗିରର ରଥଯାତ୍ରା ପରଂପରା, ଜଗନ୍ନାଥ ତତ୍ତ୍ୱ, ଜଗନ୍ନାଥ ସଂସ୍କୃତି ସହ ବଲାଙ୍ଗିରର ସଂପର୍କରେ କହି ଧାରାବିବରଣୀ ପ୍ରଦାନ କରିଥିଲେ । ଏହି କେନ୍ଦ୍ରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କେଶବ ବାଗ, ସୁରେଶ ପଟେଲ, କମଳା କାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ଶତ ପ୍ରତିଶତ ଭିନ୍ନକ୍ଷମ ହୋଇ ମିଳୁନି ଉପଯୁକ୍ତ ପ୍ରମାଣପତ୍ର : ସରକାରୀ ସହାୟତା ପାଇବାରୁ ବଂଚିତ

ଧର୍ମଶାଳା, ୦୮/୭ (ନି.ପ୍ର): ଉଭୟ ସରକାର ଜନସାଧାରଣଙ୍କ ଉପଯୁକ୍ତ ସମସ୍ୟାର ସମାଧାନ ଓ ସରକାରୀ ସହାୟତା ପାଇବା ନେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏନେଇ ବହୁ ସଂଖ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। କିନ୍ତୁ ସମସ୍ତ ସରକାରୀ ବ୍ୟବସ୍ଥା ନ ଥିଲା ପରି ମନେ ହେଉଛି। ଯାହାକି ଉପଯୁକ୍ତ ହିତାଧିକାରୀ ସରକାରୀ ସହାୟତା ପାଇବାରୁ ବଂଚିତ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ। ଯୁବକ ଶତପ୍ରତିଶତ ଭିନ୍ନକ୍ଷମ ଥାଇ ତାଙ୍କୁ ସରକାରୀଭାବେ ୪୨ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳିଛି। ସେ ସରକାରୀ ସହାୟତା ପାଇବାରୁ ବଂଚିତ ହୋଇ ପରିବାର ଉପରେ ବୋଝ ସାଜିଛନ୍ତି। ଏହି ଘଟଣା ବ୍ରହ୍ମବରଦା ଗ୍ରାମର ମକର ସେଠୀଙ୍କ ପରିବାର କ୍ଷେତ୍ରରେ ଦେଖିବାକୁ ମିଳିଛି। ତାଙ୍କ ୨୩ ବର୍ଷୀୟ ପୁଅ ବିକ୍ରମ ବହୁ ଦିନ ପୂର୍ବେ ଏକ ଦୃର୍ଘଟଣାର ଶିକାର ହୋଇ ତାଙ୍କର ଡାହାଣ ହାତ ପାପୁଲିରେ ଗଭୀର କ୍ଷତ ହୋଇଥିଲା। ହେଲେ ସେତବେଳେ ସ୍ୱାସ୍ଥ୍ୟ କାର୍ଡ ନ ଥିବାରୁ ଉପଯୁକ୍ତ ଚିକିତ୍ସା ନ ପାଇଁ କିଛି ଦିନ କ୍ଷତ ଅବସ୍ଥାରେ ରହି ଯନ୍ତ୍ରଣାରେ ଛଟପଟ ହୋଇ ଆସୁଥିଲେ। ବହୁ କଷ୍ଟରେ ଧାରକରଜ କରି ପୁଅର ହାତ ଭଲ କରିବା ପାଇଁ ଟଙ୍କା ଯୋଗାଡ କରି ଚିକିତ୍ସା କରାଯାଇଥିଲେ। ହେଲେ ଆଗକୁ ରୋଜଗାର କରି ପରିବାର ପ୍ରତିପୋଷଣ କରିବେ। ହେଲେ ସେ ଡାହାଣ ହାତ ପାପୁଲି କ୍ଷତିଗ୍ରସ୍ତ ହେବା ସହିତ ୨ ଟି ମୁଖ୍ୟ ଆଙ୍ଗୁଠି ହରାଇବାକୁ ପଡିଥିଲା। ପରିବାରର ବୋଝ ୨ଗୁଣା ବଢିଗଲା। ସାତ ଜଣ କୁଟୁମ୍ବକୁ ନେଇ ତାର ପରିବାର। ମକର ଜୀବନ ଜୀବିକା ପାଇଁ ଲଣ୍ଡ୍ରି କରି ନିଜ ପରିବାରର ଚଳାଇ ଆସୁଛି। ସରକାରୀ ସହାୟତା କହିଲେ ରାସନ କାର୍ଡରେ ମିଳିଥିବା ଚାଉଳ। ଏପଟେ ଭିନ୍ନକ୍ଷମ ଭର୍ତ୍ତା ପାଇବା ପାଇଁ ସେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ନିଜର ସମସ୍ତ ପ୍ରମାଣ ପତ୍ର ଦେଇଥିଲେ। କିନ୍ତୁ ଶତପ୍ରତିଶତ ଭିନ୍ନକ୍ଷମ ଥାଇ ତାଙ୍କୁ ସରକାରୀ ସ୍ତରରେ ୪୨ ପ୍ରତିଶତ ପ୍ରମାଣପତ୍ର ମିଳିଛି। ଯାହାକି ସରକାରୀ ସହାୟତା ପାଇବାରୁ ବଂଚିତ ହେଉଛନ୍ତି। ଏନେଇ ସେ ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ତାଙ୍କ କଥା କେହି ଗୁରୁତ୍ୱ ଦେଉ ଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ତେବେ ଏନେଇ ପ୍ରଶାସନ ତାଙ୍କ କଥାକୁ ଗୁରୁତର ସହ ନେଇ ଉପଯୁକ୍ତ ପ୍ରମାଣପତ୍ର ଯୋଗାଇ ଦେବାକୁ ପରିବାରର ସମସ୍ତ ସଦସ୍ୟ ଗୁହାରି କରିଛନ୍ତି।

ବୌଦ୍ଧ ଜିଲାର ପାତାଳୀଶ୍ରୀକ୍ଷେତ୍ରଠାରେ ତୃତୀୟା ତିଥିରେ ଶ୍ରୀଜଗନ୍ନାଥଙ୍କ ବାସି ରଥଯାତ୍ରା ଅନୁଷ୍ଠିତ

ବୌଦ୍ଧ, ୦୮/୭ (ନି.ପ୍ର): ବୌଦ୍ଧ ଜିଲାର ପାତାଳୀଶ୍ରୀକ୍ଷେତ୍ର ଠାରେ ତୃତୀୟା ତିଥିରେ ଶ୍ରୀଜଗନ୍ନାଥଙ୍କ ବାସି ରଥଯାତ୍ରା ଅନୁଷ୍ଠିତ ହୋଇଛି କ୍ଷ ଏହାସହ ବିଭିନ୍ନ ଗ୍ରାମରେ ମଧ୍ୟ ଆଜି ତୃତୀୟା ତିଥିରେ ବାସି ରଥଯାତ୍ରା ଅନୁଷ୍ଠିତ ହୋଇଛି କ୍ଷ ବୌଦ୍ଧ ଜିଲାରେ ରାଜାରାଜୁଡା ଅମଳରୁ ଅନେକ ସ୍ଥାନରେ ତୃତୀୟା ତିଥିରେ ଶ୍ରୀଜଗନ୍ନାଥ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ଯାହା ବାସି ରଥଯାତ୍ରା ଭାବେ ପ୍ରସିଦ୍ଧି ଲାଭ କରିଛି । ବୌଦ୍ଧ ସହରର ବୁଟୁପାଲି, ପାତାଳୀଶ୍ରୀକ୍ଷେତ୍ର ନାୟକପଡା ଗୁମ୍ଫା , ବୌଦ୍ଧ ବ୍ଲକର ନାରରାୟଣ ନଗର, ସାହାଜପାଲ, ବାଉଁଶୁଣୀ ଗଡ ଭିତର ଆଦି ଅଂଚଳରେ ଆଜି ଶାନ୍ତିପୂର୍ଣ୍ଣ ଭାବେ ତିନି ଠାକୁରଙ୍କ ରଥଯାତ୍ରା ଚାଲିଅଛି । ସକାଳ ଠାରୁ ତିନି ଠାକୁରଙ୍କ ନିତିକାନ୍ତି ସରିବା ପରେ ମଧ୍ୟାହ୍ନ ୨ଟା ଠାରୁ ପହଣ୍ଡି ଆରମ୍ଭ ହୋଇଥିଲା । ଧାଡି ପହଣ୍ଡିରେ ତିନି ଠାକୁର ରଥାରୁଢ଼ ହୋଇଛନ୍ତି । ରଥାରୁଢ଼ ହେବା ପରେ ଛୋଟଛୋଟ ପିଲାଙ୍କ ରଥଛୁଆଁ ଚାଲିଥିଲା । ସଂନ୍ଧ୍ୟା ୬ ଟାରେ ରଥଟଣା ହେବ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୃତୟନ କରାଯାଇଅଛି । ବୌଦ୍ଧର ପ୍ରସିଦ୍ଧ ଗଣପର୍ବ ରଥଯାତ୍ରା ରବିବାର ଦିନ ମହାସମାରୋହରେ ପଳିତ ହୋଇଯାଇଛି । ପ୍ରତ୍ୟୁଷରୁ ଠାକୁରମାନଙ୍କ ପହଡ ଭଙ୍ଗ ହେବାପରେ ପୂଜକଙ୍କ ଦ୍ୱାରା ନିତିକାନ୍ତି ଆରମ୍ଭ ହୋଇଥିଲା । ନେତ୍ରସ୍ନୋବ ପରେ ତିନି ଠାକୁର ନବଯୌବନ ଦର୍ଶନ ଦେଇଥିଲେ । ଭକ୍ତମାନଙ୍କୁ ନବଯୌବନ ଦର୍ଶନ ପାଇଁ ମନ୍ଦିର ଭିତରକୁ ଛଡାଯାଇନଥିଲେ ମଧ୍ୟ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିର ବେଢାରେ ପହଂଚି ପ୍ରଭୁସତ୍ତା ଅନୁଭବ କରିଥିଲେ ଏବଂ ଦଧିବାମନ ଓ ପାଶ୍ୱର୍ ଦେବାଦେବୀଙ୍କ ଦର୍ଶନ କରିଥିଲେ । ପରେ ମୁଖ୍ୟମନ୍ଦିର ଓ ପାଶ୍ୱର୍ ଦେବାଦେବୀ ମନ୍ଦିରରେ ନୂତନ ଧ୍ୱଜା ଚଢା ଯାଇଥିଲା । ପରେ ତିନି ଠାକୁରଙ୍କ ରଥଛୁଆଁ ଚାଲିଥିଲା । ରଥଟଣା ହେବା ପୂର୍ବରୁ ଠାକୁରଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇ ରହିଥିବା ରଥରେ ଧ୍ୱଜା ଚଢାଯାଇଥିଲା । ତିନି ଠାକୁରଙ୍କ ସକାଳ ନିତିକାନ୍ତି ପାଳନ କରାଯାଇଥିଲା । ପରେ ବେଶକାରୀମାନଙ୍କ ଦ୍ୱାରା ଠାକୁରମାନଙ୍କ ପହଣ୍ଡିଯାତ୍ରା ପାଇଁ ସେନପଟା ଲାଗି କରାଯାଇଥିଲା । ଦୀର୍ଘ ୪ ଘଂଟା ରୁ ଉର୍ଦ୍ଧ୍ୱ ସମୟ ଧରି ଠାକୁରମାନଙ୍କୁ ପହଣ୍ଡି ବେଶ କରାଯିବାପରେ ମଧ୍ୟାହ୍ନ ୧ ଘଂଟା ସମୟରେ ବ୍ରାହ୍ମଣ ସମାଜର ସେବକମାନଙ୍କ ଦ୍ୱାରା ପହଣ୍ଡିବିଜେ ଆରମ୍ଭ ହୋଇଥିଲା । ସିଂହ ଦ୍ୱାରରେ ଦେବତ୍ତୋର ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରଭାସଚନ୍ଦ୍ର ଦଣ୍ଡସେନାଙ୍କ ଦ୍ୱାରା ତିନିଠାକୁରଙ୍କ ବାଟଭୋଗ ଲାଗି କରାଯିବାପରେ ଠାକୁରମାନେ ଗୋଟି ପହଣ୍ଡିରେ ବ୍ରାହ୍ମଣ ସେବକଙ୍କ କାନ୍ଧରେ ସଂକର୍ତ୍ତନର ତାଳେ ତାଳେ ଝୁଲି ଝୁଲି ରଥଖଳା ଅଭିମୁଖେ ବାହାରିଥିଲେ । ବଡଦାଣ୍ଡରେ ଅନେକ ସ୍ଥାନରେ ଭକ୍ତମାନଙ୍କ ଦ୍ୱାରା ବାଟଭୋଗ ଲାଗି କରାଯାଇଥିଲା । ଅପରାହ୍ନ ୪ ଘଂଟା ସମୟରେ ତିନି ଠାକୁର ରଥଖଳାରେ ପହଂଚିବାପରେ ପରମ୍ପରା ଅନୁଯାୟୀ ରଥ ଚାରିପଟେ ୪ ଥର ପରିକ୍ରମା କରାଯାଇ ଠାକୁରମାନଙ୍କୁ ରଥାରୁଢ କରାଯାଇଥିଲା । ତିନିଠାକୁରଙ୍କୁ ରଥାରୁଢ କରାଯିବାପରେ ବୌଦ୍ଧ ରଥଯାତ୍ରାର ଅନନ୍ୟ ପରମ୍ପରା ରଥଛୁଆଁ ପର୍ବ ଆରମ୍ଭ ହୋଇଥିଲା । ଏହି ପରମ୍ପରା ଅନୁଯାୟି ଶିଶୁକୁ ୧ ବର୍ଷ ହେବାପରେ ରଥଯାତ୍ରାଦିନ ତିନିଠାକୁର ରଥାରୁଢ ହେବାପରେ ରଥଛୁଆଁ ଯାଇଥାଏ । ଏହାଦ୍ୱାରା ଶିଶୁଟି ଠାକୁରଙ୍କ ଆଶିର୍ବାଦପ୍ରାପ୍ତ ହୋଇଥାଏ ବୋଲି ଲୋକଙ୍କ ମଧ୍ୟରେ ଧର୍ମ ବିଶ୍ୱାସ ରହିଛି । ତେଣୁ ବହୁ ଦୂରଦୂରାନ୍ତରୁ ପରିବାରମାନେ ସେମାନଙ୍କ ଶିଶୁକୁ ନେଇ ରଥଛୁଆଁଇବାକୁ ଆସିଥାନ୍ତି । ଛେରା ପହଁରା ନିତି କରାଯିବାପରେ ସନ୍ଧ୍ୟା ରେ ରଥଟଣା ଆରମ୍ଭ ହୋଇଥିଲା । ଡାହୁକର ଡାକରେ ଉହ୍ଲସିତ ଭକ୍ତମାନେ ରଥକୁ ଟାଣି ଟାଣି ନେଇ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ରଥଖଳାରେ ପହଂଚାଇଥିଲେ । ଉଭୟ ରଥ ଆଗ ପଛ ହୋଇ ଗୋଟିଏ ଜାଗାରେ ଥିବା ମାଉସୀ ମା ମନ୍ଦିରକୁ ଯାଇଥିଲେ । ସୋମବାର ସକାଳୁ ତିନି ଠାକୁରଙ୍କୁ ପୁନର୍ବାର ପହଣ୍ଡି କରି ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା କ୍ଷ ଏହି ଅବସରରେ ସାହି ବାସିନ୍ଦାଙ୍କ ମିଳିତ ସହଯୋଗରେ ପାଳିତ ହୋଇ ଆସୁଥିବା ହରିଗୁଡି ରଥକୁ କେବଳ ମହିଳା ଭକ୍ତ ମାନେ ଟାଣିଥିଲେ । ବଡ ଦାଣ୍ଡରେ ରଥ ଟଣା ହେଉଥିବା ସମୟରେ ବିଭିନ୍ନ ଛକ ମାନଙ୍କରେ ପ୍ରଭୁଙ୍କୁ ପୋଡପିଠା, ବିଭିନ୍ନ ଭୋଗ ଭକ୍ତମାନେ ଅର୍ପଣ କରୁଥିଲେ ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

ମନୁଷ୍ୟ ନିଜ ଭୋଗ ପାଇଁ ପ୍ରକୃତିକୁ ଶୋଷଣ ....

କହିଥିଲେ ଯେ ଭାରତୀୟ ସଂସ୍କୃତି ସର୍ବଦା ପ୍ରକୃତି ସହ ସୁସଙ୍ଗତ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେଇ ଆସିଛି । ଆମ ଦର୍ଶନରେ ପୃଥିବୀକୁ ମା' ଓ ଆକାଶକୁ ପିତା କୁହାଯାଏ। ନଦୀକୁ ମଧ୍ୟ ମା' ଉପାଧି ଦିଆଯାଇଛି। ଜଳକୁ ଜୀବନ କୁହାଯାଏ । ବର୍ଷାକୁ ଆମେ ଭଗବାନ ଇନ୍ଦ୍ର ଏବଂ ସମୁଦ୍ରକୁ ଭଗବାନ ବରୁଣ ଭାବରେ ପୂଜା କରିଥାଉ । ଆମ କାହାଣୀରେ ପର୍ବତ ଓ ଗଛ ବିଷୟରେ ବର୍ଣ୍ଣନା କରାଯାଇଛି ଏବଂ ପ୍ରାଣୀମାନେ ମଧ୍ୟ ପରସ୍ପର ସହ କଥା ବାର

ମଙ୍ଗଳବାର, ଜୁଲାଇ ୦୯, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିବେ ଦୁଇ କ୍ରୀଡ଼ାବିତ୍

ଭୁବନେଶ୍ୱର , ୦୮/୭ (ନି.ପ୍ର): ଆଗାମୀ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶାର ଦୁଇ ଯୁବ ତାରକା ଶ୍ରୀ କିଶୋର ଜେନା ଏବଂ ଶ୍ରୀ ଅମିତ ରେହିଦାସଙ୍କୁ ଲକ୍ଷ୍ୟ ସାଧନ ଦିଗରେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୧୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି । ଏହା ସେମାନଙ୍କୁ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଦେଶ ପାଇଁ ଗୌରବ ଆଣିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି । କ୍ରୀଡ଼ାର ମହାକୁମ୍ଭ ହେଉଛି ଅଲିମ୍ପିକ୍ସ । ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଶ୍ରୀ ଜେନା ଏବଂ ଶ୍ରୀ ରୋହିଦାସ କେବଳ ନିଜର ଜନ୍ମମାଟି ନୁହେଁ ସମଗ୍ର ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ସେମାନଙ୍କର ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ରାଜ୍ୟର ଯୁବ ପ୍ରତିଭାମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି କହିବା ସହିତ ଓଡ଼ିଶାବାସୀଙ୍କ ତରଫରୁ ମୁଁ ଉଭୟଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି । ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରୁଥିବା ଜାଭେଲିନ୍ ଥ୍ରୋ ରେ ଶ୍ରୀ ଜେନା ଏବଂ ହକି ତାରକା ଶ୍ରୀ ରୋହିଦାସଙ୍କୁ ଉତ୍ସାହିତ କରିବା ପାଇଁ ଏହି ଆର୍ଥିକ ସହାୟତା ଏକ ପ୍ରୟାସ ମାତ୍ର । ଉଭୟଙ୍କ ସାମର୍ଥ୍ୟ ଉପରେ ଓଡ଼ିଶାବାସୀଙ୍କ ପୂର୍ଣ୍ଣ ବିଶ୍ୱାସ ରହିଛି । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଅଲିମ୍ପିକ୍ସରେ ନିଜର ଶ୍ରେଷ୍ଠତମ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶିତ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଓଡ଼ିଶାରେ କ୍ରୀଡ଼ା ପ୍ରତିଭାମାନଙ୍କର ଅଭାବ ନାହିଁ । ରାଜ୍ୟର କୋଣଅନୁକୋଣର ଏହି ପ୍ରତିଭାମାନଙ୍କର ସର୍ବାଙ୍ଗୀନ ବିକାଶ ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ତୃଣମୂଳ ସ୍ତରରେ ଆବଶ୍ୟକ ଭିତ୍ତିଭୂମି, ଆର୍ଥିକ ସହାୟତା ଏବଂ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଭାଇଭଉଣୀଙ୍କ ସହିତ ଅଧାରେ ଅଟକିଲା ରଥାରୁଢ଼ ଶ୍ରୀଜୀଉଙ୍କ ରଥ: ଆଜି ଆଡ଼ପମଣ୍ଡପ ବିଜେ

ନୀଳଗିରି , ୦୮/୭ (ନି.ପ୍ର): ପତିତପାବନ ବଳିଆର ଭୁଜ ମହାବାହୁ ଶ୍ରୀ ଜଗନ୍ନାଥ ରତ୍ନବେଦୀ ଛାଡି ନଅ ଦିନ ପାଇଁ ଲୀଳାଖେଳା କରିବାକୁ ବଡ଼ଦାଣ୍ଡକୁ ବାହାରିଛନ୍ତି। ଭକ୍ତ ଓ ଭଗବାନଙ୍କ ମହାମିଳନର ଅପୂର୍ବ ସଂଯୋଗ ହେଉଛି ଏହି ଘୋଷଯାତ୍ରା। ଏହିଯାତ୍ରା ମାନବବାଦର ଏକ ମହାନ ପରମ୍ପରା। ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟଧରା ସହିତ ଜଡିତ। ଉକ୍ତ ପର୍ବ ଜଗନ୍ନାଥ ଚେତନାର ଏକ ମାନବୀୟ ରୂପାୟନର ପ୍ରତିଫଳନ। ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ପରମ୍ପରା ଅନୁଯାୟୀ ପ୍ରଥମ ତିନିଦିନ ରଥ ଉପରେ ଶ୍ରୀଜୀଉ ବଡ଼ଦାଣ୍ଡରେ ଭକ୍ତଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି। ଏହି କ୍ରମରେ ରବିବାର ଶ୍ରୀଜୀଉଙ୍କର ପହଣ୍ଡି ବିଜେ ନୀତି କରାଯାଇ ରଥାରୁଢ଼ କରାଯାଇଥିଲା। ଦ୍ୱିତୀୟ ଦିବସ ରଥ ଉପରେ ମହାପ୍ରଭୁଙ୍କ ରୀତିନୀତି ସମାପନ ପରେ ଅପରାହ୍ନ ପ୍ରାୟ ୪ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା। ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଏବଂ ପୂଜକ ଦୀନବନ୍ଧୁ କର ପରମ୍ପରା ଅନୁଯାୟୀ ଶ୍ରୀଫଳ ଫଟାଇ ରଥ ଟଣା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ।ଏକ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାପାଳ ଆଶିଷ ଠାକରେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରଥଟଣା ହୋଇଥିଲା। ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ତହସିଲଦାର ଦିପ୍ତିମୟୀ ବେହେରା, ଏନ.ଏ.ସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ପ୍ରମୁଖ ପ୍ରଶାସନିକ ଅଧିକାରୀ ପରିଚାଳନାରେ ପ୍ରମୁଖ ସହଯୋଗ କରିଥିଲେ। ପୁରୀରୁ ନିମନ୍ତ୍ରିତ ସ୍ୱତନ୍ତ୍ର ଘଣ୍ଟୁଆଙ୍କ ଘଣ୍ଟ ବାଦନର ଅପୂର୍ବ ନାଦରେ ପରିବେଶ ଭକ୍ତିମୟ ହୋଇ ଉଠିଥିଲା।କାହାଳୀ, ମୃଦଙ୍ଗର ତାଳେତାଳେ,ସଙ୍କୀର୍ତ୍ତନ ପ୍ରେମୀଙ୍କ ପ୍ରେମଭରା ହରି ସଙ୍ଗୀତ ଗାନ ସହିତ ଜୟ ଜଗନ୍ନାଥ ଧ୍ୱନିଏବଂ ଓଡ଼ିଶୀ ନୃତ୍ୟାଙ୍ଗନାଙ୍କ ନୃତ୍ୟରେ ଜଗନ୍ନାଥମୟ ହୋଇ ଉଠିଥିଲା ସମଗ୍ର ବଡ଼ଦାଣ୍ଡ। ରଥ ଉପରେ ଜଗନ୍ନାଥ ସଂସ୍କୃତିର ଧାରା ବିବରଣୀ ପ୍ରଦାନ କରିଥିଲେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସନ୍ତୋଷ ଖଟୁଆଙ୍କ ସମେତ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ ଯୋଗ ଦେଇଥିଲେ।ଏଥିସହିତ ସମଗ୍ର ରଥ ପରିଚାଳନାରେ ମାଜିଷ୍ଟେଟ ଦାୟିତ୍ୱରେ ଥିଲେ ସହକାରୀ ଜିଲ୍ଲାପାଳ ରଞ୍ଜନ କୁମାର ସେନାପତି। ଦିଶା ନିର୍ଦ୍ଦେଶକ ଦାୟିତ୍ୱରେ ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ। ନୀଳଗିରି ରଥଦାଣ୍ଡକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ସହ ରଥରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନୀଳଗିରି ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ଏବଂ ଆଇ ଆଇ ସି ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ନେତୃତ୍ୱରେ ସାତ ପ୍ଲାଟୁନ ପୋଲିସ ଫୋର୍ସ, ୩୦ଜଣ ପୋଲିସ ଅଧିକାରୀ, ୬୦ଜଣ ଗୃହରକ୍ଷୀ, ମୋଟ ୧୦୬୦ଜଣ ପୋଲିସ କର୍ମଚାରୀ ନିଯୁକ୍ତି ହୋଇଥିବା ଜଣାଯାଇଛି। ଆଜି ପ୍ରଥମ ପର୍ଯ୍ୟାୟ ରଥଟଣାର ଶେଷ ଦିବସରେ ଶ୍ରୀଜୀଉ ମାନେ ରଥରୁ ଓହ୍ଲାଇ ଆଡ଼ପ ମଣ୍ଡପ ବିଜେ କରିବେ। ପରେ ମାଉସୀ ମା ମନ୍ଦିରରେ ପ୍ରତିଦିନ ଭିନ୍ନ ଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ଶ୍ରୀଜୀଉ। ଏଥିସହିତ ଭକ୍ତମାନଙ୍କ ପାଇଁ ଆଡ଼ପ ଅଭଡ଼ା ମିଳିବାର ବ୍ୟବସ୍ଥା କରାଯାଇଥିବା ସୂଚନା ରହିଛି।

ଡ୍ରିମ୍ସ ଆଇଡିଆଲ ସ୍କୁଲ ତରଫରୁ ବୃକ୍ଷରୋପଣ

ଭୁବନେଶ୍ୱର, ୦୭/୭ (ନି.ପ୍ର): ବନମହୋତ୍ସବ ଅବସରରେ ଡ୍ରିମ୍ସ ଆଇଡିଆଲ ସ୍କୁଲ ତରଫରୁ ବିଦ୍ୟାଳୟର କର୍ମଚାରୀ ଓ ପିଲା ମାନଙ୍କ ଦ୍ୱାରା ଅତିଥିମାନଙ୍କ ଗହଣରେ ଚାରାଗଛ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା, କବି ତଥା ପ୍ରତିଭାଶ୍ରୀ ମୁଖ୍ୟ ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ, ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ, ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ରେହାନା ବ୍ୱେଗମ୍ , ଆରତୀ ଦାସ, ଅନୀତା ରାଣୀ ଦାସ, ଅନ୍ନପୂର୍ଣ୍ଣା ମଲ୍ଲିକ, ଆଞ୍ଜ ଲ ପ୍ରିୟା ବେହେରା, ମାମୁନି ମହାପାତ୍ର,ଗୀତିକା ପ୍ରଧାନ, ମୋନାଲିସା ଚାନ୍ଦ, ମୋନାଲିସା ପରିଡ଼ା,ସଫିରୁଦ୍ଦିନ୍ ମହମ୍ମଦ, ରୁନି ସିଂ, କବିତା ସିଂ, ଭଗବାନ ବେହେରା ପ୍ରମୁଖ ବିଦ୍ୟାଳୟର କର୍ମଚାରୀଗଣ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

ଲାୟନ୍ସ କ୍ଲବ ବସ୍ତା ତରଫରୁ 'ବନ ମହୋତ୍ସବ' ପାଳିତ

ବସ୍ତା, ୦୮/୭ (ନି.ପ୍ର): ବନ ମହୋତ୍ସବରେ ସାମିଲ ହୋଇଛନ୍ତି ବସ୍ତା ଲାୟନସ କ୍ଲବର ସଦସ୍ୟମାନେ । ସାରା ଦେଶରେ ବନ ମହୋତ୍ସବ ପାଳନ ଅବସରରେ ଲାୟନସ ଜିଲ୍ଲା ୩୨୨ସିଝ ର ବସ୍ତା ଲାୟନସ କ୍ଲବ ସଦସ୍ୟ ମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ରେ ବସ୍ତା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାସନ୍ତୀ ପ୍ଲାଜା ଠାରେ ଅନେକ ଫଳନ୍ତି ଗଛ ଚାରାରୋପଣ ସହ ଦେଇଛନ୍ତି ପରିବେଶ ସୁରକ୍ଷାର ବାର୍ତ୍ତା। ଏହି ଅବସରରେ ସମସ୍ତ ସଦସ୍ୟ ମାନେ ଗଛ ଲଗାଇବା ଏବଂ ତାର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବା ସହ ବସ୍ତାକୁ ସବୁଜ ସୁନ୍ଦର କରିବାକୁ ଶପଥ ନେଇଥିଲେ । ବସ୍ତା ଲାୟନ୍ସ କ୍ଲବର ସଭାପତି ଲାୟନ ସୁମନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଟାର୍ଡ ମେୟର ବିଜୟ ପରିଡା , ସତ୍ୟନାରାୟଣ ଗୁପ୍ତା, ସମାଜସେବୀ ଅନ୍ତର୍ଯ୍ୟାମୀ ମହାପାତ୍ର, ବୃକ୍ଷ ପ୍ରେମୀ ଅନ୍ତର୍ଯ୍ୟାମୀ ରାଉଳ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ଓଜେଇଇ କାଉନସେଲିଂ ଆରମ୍ଭ

ଭୁବନେଶ୍ୱର, ୦୮/୭ (ନି.ପ୍ର): ଆଜିଠୁ ଓଜେଇଇ କାଉନସେଲିଂ ଆରମ୍ଭ ହୋଇଛି । ସରକାରୀ ଏବଂ ବେସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟ ଏବଂ ଘରୋଇ ବିଶ୍ୱବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ବୈଷୟିକ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଜିଠାରୁ କାଉନସେଲିଂ ଆରମ୍ଭ ହେଉଛି। ଏ ସଂକ୍ରାନ୍ତରେ ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ପକ୍ଷରୁ ନୋଟିସ୍ ପ୍ରକାଶ ପାଇଛି। ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ୱେବସାଇଟକୁ ଲଗଇନ କରି ଛାତ୍ରଛାତ୍ରୀ ପଞ୍ଜୀକରଣ କରିବା ସହିତ କାଉନସେଲିଂ ଉପରେ ବିସ୍ତୃତ ତଥ୍ୟ ଜାଣିପାରିବେ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି। ଏମ.ଟେକ୍, ଏମ.ଆର୍କ, ଏମ.ପ୍ଲାନ୍, ଏମବିଏ, ଏମସିଏ, କମ୍ପ୍ୟୁଟର ସାଇନ୍ସ, ବି.ଟେକ୍, ବି.ଆର୍କ, ବି.ପ୍ଲାନ୍, ଇଣ୍ଟିଗ୍ରେଟେଡ ଏମ୍.ଏସ୍‌ସି ପାଠ୍ୟକ୍ରମ ନାମଲେଖା ପାଇଁ ଛାତ୍ରଛାତ୍ରୀ ଅନଲାଇନରେ ପଞ୍ଜୀକରଣ କରିବେ।

୬୨ ବର୍ଷରେ ପଦାର୍ପଣ କଲା ମେଣ୍ଢାଖାଇ ରଥଯାତ୍ରା

ସ୍ୱାଧିନତା ପରେ ଉପଖଣ୍ଡର ଏହା ପ୍ରଥମ ରଥଯାତ୍ରା ଭାବେ ପରିଚିତ

ଉଦଳା , ୦୮/୭ (ନି.ପ୍ର): ଆମ ଦେଶକୁ ଇଂରେଜ ସରକାର ଶାସନ କରୁଥିବା ସମୟରେ କପ୍ତିପଦା ଉପଖଣ୍ଡରେ କେବଳ କଇଁସାରୀ ଓ କପ୍ତିପଦାରେ ରଥଯାତ୍ରା ପର୍ବ ଅନୁଷ୍ଠିତ ହେଉଥିଲା । ଇଂରେଜ ସରକାର ଆମ ଦେଶକୁ ଆସିବାର ବହୁ ପୁର୍ବରୁ କେବଳ କଇଁସାରିରେ ରଥଯାତ୍ରା ପାଳିତ ହେଉଥିଲା । ସେ ସମୟରେ ଏହା କପ୍ତିପଦା ଉପଖଣ୍ଡର ଏକମାତ୍ର ଓ ପ୍ରଥମ ରଥଯାତ୍ରା ଭାବରେ ପରିଚିତ ଥିଲା । ସ୍ୱାଧିନତା ପରେ ମଧ୍ୟ କିଛି ବର୍ଷ ଧରି କେବଳ କଇଁସାରି ଓ କପ୍ତିପଦାକୁ ଛାଡ଼ିଦେଲେ ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ପାଳିତ ହେଉନଥିଲା । ତେବେ ସ୍ୱାଧିନତା ପରେ ପ୍ରଥମ କରି ମେଣ୍ଢାଖାଇ ଠାରେ ରଥଯାତ୍ରା ଆରମ୍ଭ ହୋଇଥିଲା । ଚଳିତ ବର୍ଷ ଏହି ରଥଯାତ୍ରାକୁ ୬୨ ବର୍ଷ ପୁରିଲା । କପ୍ତିପଦା ଉପଖଣ୍ଡର ଏହାର ତୃତୀୟ ରଥଯାତ୍ରା କୁହାଯାଉଥିବା ବେଳେ ସ୍ୱାଧିନ ଭାରତର ନାଗରିକଙ୍କର ଏହା ପ୍ରଥମ ରଥଯାତ୍ରା ଭାବରେ ନିଜର ପରିଚୟ ସୃଷ୍ଟି କରିଛି । ଉକ୍ତ ରଥଯାତ୍ରାକୁ ଚଳିତ ବର୍ଷ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ପରିଦର୍ଶନରେ ଆସିବା ସହ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଶିର୍ବାଦ ଭିକ୍ଷା କରିଛନ୍ତି । ଅତିତରେ କପ୍ତିପଦାର ରାଣୀ ସ୍ୱର୍ଣ୍ଣମୟୀ ଦେବି ମଧ୍ୟ ଏହି ରଥଯାତ୍ରା ଦେଖିବାକୁ ଆସିଥିବାର କଥା ଶୁଣିବାକୁ ମିଳେ । ସବୁଠାରୁ ବଡ଼କଥା ହେଲା କାହାରି ଠାରୁ ଚାନ୍ଦା ମାଗି ଏଠାକାର ରଥଯାତ୍ରା ପର୍ବ ଅନୁଷ୍ଠିତ ହୁଏ ନାହିଁ । କୌଣସି ଶ୍ରଦ୍ଧାଳୁ ସ୍ୱଇଚ୍ଛାରେ ଯାହା ଦାନ କରନ୍ତି ତାହା ଏଠାରେ ଗ୍ରହଣ କରାଯାଏ । ଏହିଭଳି ଏକ ସ୍ୱାଭିମାନ ପାଇଁ ଏଠାକାର ଘୋଷ ଯାତ୍ରାର ରହିଛି ସ୍ୱତନ୍ତ୍ର ପରିଚୟ ।

ଶ୍ରୀ ଜଗନ୍ନାଥ ଜିଉ ବିଜେ ଶାସଙ୍ଗରେ ରଥଯାତ୍ରା

ବାଲେଶ୍ୱର , ୦୮/୭ (ନି.ପ୍ର): ସବୁବର୍ଷ ଭଳି ଏ ବର୍ଷ ମଧ୍ୟ ରଥଯାତ୍ରା ଶ୍ରୀଜଗନ୍ନାଥ ଜିଉ ବିଜେ ଶାସଙ୍ଗ ରେ ଅନୁଷ୍ଠିତ ହେଉଛି।ଏ ବର୍ଷ ଗୋଟାଏ ଦିନରେ ତିନି ଦିନର ନୀତି ପଡ଼ିଥିବାରୁ ଭୋର ୩ ଘଟିକା ସମୟରେ ମନ୍ଦିର ଦ୍ୱାର ଖୋଲାଯାଇଥିଲା।ପ୍ରଥମେ ମଙ୍ଗଳ ଆରତୀ , ପଟିଦିଅଁ ବିସର୍ଜନ, ନେତ୍ର।ଉତ୍ସବ,ନବଯୌବନ ଦର୍ଶନ, ପହଣ୍ଡି ବେଶ, ସେନାପଟା ଲାଗି, ଉଭାଯାତ୍ରା, ଖିଚୁଡ଼ି ଭୋଗ,ପତାକା ଲାଗି,ରଥ ପ୍ରତିଷ୍ଠା, ନୀତି ହେବା ପରେ ଅପରାହ୍ନ ୪ ଘଟିକା ସମୟରେ ଶ୍ରୀ ଜିଉ ମାନଙ୍କୁ ଗୋଟି ପହଣ୍ଡି କରି ସେବାୟତ ମାନେ ବହୁ ଆନନ୍ଦରେ ରଥାରୂଢ କରିଥିଲେ। ରଥାରୂଢ ହେବା ପରେ ଶ୍ରୀ ଜିଉ ମାନଙ୍କୁ ସେବାୟତ ମାନେ ଠାକୁର ମାନଙ୍କୁ ବେଶ କରିବା ପରେ ଭକ୍ତ ମାନଙ୍କ ତରଫରୁ ଫଳ ଖୁରୁମା ଭୋଗ ଲଗାଇବାପାଇଁ କିଛିସମୟ ମନ୍ଦିର ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଥିଲା।ଏହାପରେ ସନ୍ଧ୍ୟା ଠିକ ୭;୧୫ ମିନିଟ ସମୟରେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଙ୍କ ଦ୍ୱାରା ଛେରାପହଁରା ନୀତି ହେବାପରେ ଚାରମାଳ ଫିଟା ଯାଇ ରଥ ଟଣା ଆରମ୍ଭ ହୋଇଥିଲା, ଶ୍ରୀଜଗନ୍ନାଥ ଜିଉ ବିଜେ ଶାସଙ୍ଗ ରେ ପାଖା ପାଖୁ ୯୦୦ ବର୍ଷ ରୁ ଉର୍ଦ୍ଧ ଠାକୁର ମାନେ ବିରାଜିଛନ୍ତି ବୋଲି ସରକାରୀ ନଥି ପତ୍ରରୁ ଜଣାଯାଏ।ଏଠାକାର ପରମ୍ପରା ଅନୁସାରେ ରାତିରେ ରଥ ଟଣା ର ପରମ୍ପରା ରହି ଆସିଛି।ଏହି ରଥ ଯାତ୍ରା କୁ ମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ,ଗ୍ରାମର କିଛି ଗ୍ରାମ ବାସୀ,ଓ ସଦର ଥାନା ପୋଲିସ ପ୍ରଶାସନ ମିଳି ମିଶି ପରିଚାଳନା କରନ୍ତି।

ଉଦଳା ଏନ୍.ଏ.ସି. ତରଫରୁ ବନମହୋତ୍ସବ ପାଳିତ

ଉଦଳା , ୦୮/୭ (ନି.ପ୍ର): ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା ତରଫରୁ ୭୫ ତମ ବନମହୋତ୍ସବ ପାଳିତ ହୋଇ ଯାଇଛି । ଏହି ଅବସରରେ ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ନେତୃତ୍ୱରେ ୱାର୍ଡ଼ ନଂ-୧୧ ସ୍ଥିତ ଶ୍ମଶାନ ଘାଟ ଠାରେ ବୃକ୍ଷ ରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି । ନଗରପାଳ ପ୍ରମିଳା ପଣ୍ଡା, ପିଇବା ପାଣି ଏବେ କିଣିବାକୁ ପଡୁଛି । ଯାହାକି ମାଗଣାରେ ମିଳିବା କଥା । ଏଥିପାଇଁ ଆମ ପରିବେଶ ଆମକୁ ବାଧ କରିଛି। ଠିକ୍ ସେହିପରି ଏବେଠୁ ଆମେ ସଚେତନ ନହେଲେ ଖୁବ୍ ନିକଟରେ ନିଶ୍ୱାସ ନେବା ପାଇଁ ଆମକୁ ଅମ୍ଳଜାନ ମଧ୍ୟ ପକିଣିବାକୁ ପଡ଼ିବ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପନଗରପାଳ ଲିଲି ଭୋଳ, କାଉନସିଲର ଶରତ ଚନ୍ଦ୍ର ଦାସ, ଧିରେନ୍ଦ୍ର ଖଣ୍ଡେଲୱାଲ, ଉର୍ମିଳା ନାୟକ, ପଦ୍ମାବତୀ ଦେହୁରୀ, ଭଗବତୀ ପାତ୍ର, ମମତା ଟୁଡୁ ପ୍ରମୁଖ ଏଥିରେ ଯୋଗ ଦେଇ ଆମ୍ବ, ପଣସ, ଜାମୁ, ବେଲ, ଲିମ୍ବ, କରଂଜ, ଅଂଳା ପ୍ରଭୃତି ବୃକ୍ଷ ରୋପଣ କରିଥିଲେ । କର୍ମଚାରୀ ସଂଜୟ କୁମାର ପାଢ଼ି ଏଥିରେ ସହଯୋଗ କରିବା ସହ ଶ୍ମଶାନରେ ତୁଳସୀ, ନଣ୍ଡା ବାବୁଲି, ଅରଖ ଇତ୍ରାଦି ଗଛ ରୋପଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । କାରଣ କ୍ରିୟା କର୍ମ ବେଳେ ଏଗୁଡ଼ିକ କାମରେ ଆସିବ ବୋଲି ବ୍ୟକ୍ତ କରିଥିଲେ ।

ଶ୍ରୀଶ୍ରୀ ଜଗନ୍ନାଥଙ୍କର ମାଉସୀ ମା' ମନ୍ଦିର ଯୋଗୁଁ ଚାନ୍ଦମାରି ପଡ଼ିଆରେ ଆଧ୍ୟାତ୍ମିକ ପରିବେଶ

ବାଲେଶ୍ୱର, ୦୮/୭ (ନି.ପ୍ର): ସହଦେବଖୁଣ୍ଟାସ୍ଥିତ ଗୋଶାଳାର ଶ୍ରୀଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ଚାନ୍ଦମାରି ପଡ଼ିଆର ଶ୍ରୀ ବିଶ୍ୱେଶ୍ୱର ମନ୍ଦିରକୁ ଶ୍ରୀଜୀଉମାନେ ପବିତ୍ର ରଥଯାତ୍ରା ଅବସରରେ ବିଜେ କରିଛନ୍ତି। ରଥ ବିଶ୍ୱେଶ୍ୱରଙ୍କ ମନ୍ଦିର ନିକଟରେ ପହଞ୍ଚିବାପରେ ବ୍ୟାସକବି ନଗରର କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦାମାନେ ଆନନ୍ଦ ଉଲ୍ଲାସର ସହିତ ଘଣ୍ଟାଘଣ୍ଟା ଶଙ୍ଖ ହୁଳହୁଳି ନାଦରେ 'ଜୟ ଜଗନ୍ନାଥ' ଧ୍ୱନିଦେଇ ପ୍ରଭୁଙ୍କୁ ସ୍ୱାଗତ କରିଥିଲେ। ନଅଦିନ ପର୍ଯ୍ୟନ୍ତ ତ୍ରିମୂର୍ତ୍ତି ମାଉସୀ ମା'ଙ୍କ ଘରେ ଜନ୍ମମଣ୍ଡପରେ ଅବସ୍ଥାନ କରିବେ। ଚଳିତବର୍ଷ ପ୍ରଥମଥର ପାଇଁ ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମନ୍ଦିର